# ଠିକା ଶ୍ରମିକଙ୍କୁ ପୁନଃ ନିଯୁକ୍ତି ନେଇ ଅବହେଳା

## ୭ରେ ଦାନଗଦି-ଡୁବୁରୀ ରାସ୍ତା ଅବରୋଧ ଚେତାବନୀ

ଯାଜପୁର,୨।୨(ହର୍ଷବର୍ଦ୍ଧନ ବେହେରା)

କଳିଙ୍ଗନଗର ନୀଳାଚଳ ଷ୍ଟିଲ କାରଖାନାରେ ପୂର୍ବରୁ କାର୍ଯ୍ୟରତ ୧୦୫୬ ଠିକା ଶ୍ରମିକଙ୍କୁ କମ୍ପାନୀ କର୍ତ୍ତୃପକ୍ଷ ଅବହେଳା କରି ଆସୁଛନ୍ତି। ତେଣୁ ଆସନ୍ତା ୬ ତାରିଖ ସୁଦ୍ଧା ଦାବି ପୂରଣ କରା ନ ଗଲେ ୭ ତାରିଖରେ ଦାନଗଦି-ଡୁବୁରୀ ରାସ୍ତା ଅବରୋଧ କରାଯିବ ବୋଲି କଳିଙ୍ଗନଗର ଠିକା ଶ୍ରମିକ ସାମ୍ମୁଖ୍ୟ ପକ୍ଷରୁ ଚେତାବନୀ ଦିଆଯାଇଛି। ଏହିମର୍ମରେ ସାମ୍ମୁଖ୍ୟ ପକ୍ଷରୁ କଳିଙ୍ଗନଗର ଅତିରିକ୍ତ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଉକ୍ତ ସ୍ମାରକପତ୍ରରେ ଆହୁରି ଦର୍ଶାଯାଇଛି, ନୀଳାଚଳ କାରଖାନାରେ ୨୫୦୦ କର୍ମଚାରୀ କାମ କରୁଥିଲେ। ସେଥିରୁ ୧୦୫୬ ଜଣ ଠିକା ଶ୍ରମିକ ଭାବେ କରୁଥିବାବେଳେ ୨୦୨୦ ଜୁନରେ କାରଖାନା ବନ୍ଦ ହେବା ଯୋଗୁ ବିନା ନୋଟିସରେ ସେମାନଙ୍କୁ ଛଟେଇ କରାଗଲା। ଏହାପରେ ଶ୍ରମିକମାନେ ଆନ୍ଦୋଳନ କରିବା ପରେ ଏକ ତ୍ରିପାକ୍ଷିକ ବୈଠକରେ ୩ ମାସର ଦରମା, ୨ ବର୍ଷର ବୋନସ ଓ ଅନନ୍ୟା ପାଉଣା ଖୁବ ଶୀଘ୍ର ମିଳିବ ବୋଲି ପ୍ରତିଶ୍ରୁତି ଦିଆଗଲା। କିନ୍ତୁ ଏହି ପ୍ରଶାସନିକ ପ୍ରତିଶ୍ରୁତିକୁ ୨ ବର୍ଷ ଅତିକ୍ରାନ୍ତ ହୋଇ ସାରିଥିଲେ ହେଁ କିଛି ଫଳ ମିଳି ପାରିନାହିଁ।

ଅନ୍ୟପକ୍ଷେ ନୀଳାଚଳ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଦିଆଯାଇଥିବା ମତାମତ ଅନୁସାରେ ଭାରତ ଓ ଓଡ଼ିଶା ସରକାରଙ୍କ ଦ୍ୱାରା ନିଯୁକ୍ତ ଅଡିଟରଙ୍କ ସୁପାରିଶ ଅନୁଯାୟୀ ଟିଏସ୍ଏଲ୍‌ପି ଭେଣ୍ଡର, ଠିକା କର୍ମଚାରୀ, କର୍ମଚାରୀ ଏବଂ ଅନ୍ୟାନ୍ୟ ଅଂଶୀଦାରମାନଙ୍କ ବକେୟା ଦେୟ ପ୍ରଦାନ କରାଯାଇଛି। ସମଗ୍ର ପ୍ରକ୍ରିୟାକୁ ଅଡିଟରମାନଙ୍କ ପରାମର୍ଶ ଅନୁଯାୟୀ ଏବଂ ଡିଆଇପିଏଏମ୍‌ର ତତ୍ତ୍ୱାବଧାନରେ ସମ୍ପନ୍ନ କରାଯାଇଛି। ଏହି ପରିପ୍ରେକ୍ଷୀରେ ଶ୍ରମ ବିଭାଗ ଏବଂ ଡିଆଇପିଏମର ଗାଇଡ୍‌ଲାଇନ ଅନୁଯାୟୀ କୌଣସି ଠିକା ଶ୍ରମିକ ତାଙ୍କ ପ୍ରାପ୍ୟ ପାଇବାରୁ ବଞ୍ଚିତ ହୋଇନାହାନ୍ତି।

# ଅବଧି ପରେ ବି ସରୁନି ରାସ୍ତା କାମ

କୋରେଇ,୨।୨(ଚନ୍ଦ୍ରକାନ୍ତ ପତି)

ଗ୍ରାମାଞ୍ଚଳରେ ସୁଦୃଢ଼ ଗମନାଗମନ ବ୍ୟବସ୍ଥା ପାଇଁ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ପକ୍ଷରୁ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା (ଏମ୍ଏମ୍ଏସ୍‌ୱାଇ) ଏବଂ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନା (ପିଏମ୍‌ଜିଏସ୍‌ୱାଇ) ପ୍ରଣୀତ ହୋଇଛି। ଏହି ୨ ଯୋଜନା ରାଜ୍ୟ ସରକାରଙ୍କ ଗ୍ରାମ୍ୟ ନିର୍ମାଣ ବିଭାଗ ଦ୍ୱାରା କାର୍ଯ୍ୟକାରୀ ହେଉଛି। ହେଲେ ବିଭାଗର କେତେଜଣ ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କ ପାଇଁ ଅବଧି ସରିଥିଲେ ମଧ୍ୟ ରାସ୍ତା କାମ ସରି ପାରୁନାହିଁ। ଫଳରେ ସରକାରଙ୍କ ଏହି ଯୋଜନା ବାଟବଣା ହେଉଥିବା ଅଭିଯୋଗ ହେଉଛି।

କୋରେଇ ବ୍ଲକ ଅଧୀନରେ ବିଭିନ୍ନ ପଞ୍ଚାୟତକୁ ସଂଯୋଗ କରୁଥିବା ପ୍ରାୟ ୮୦ କି.ମି.ରୁ ଉର୍ଦ୍ଧ୍ୱ ରାସ୍ତା ସମ୍ପ୍ରସାରଣ ନିମନ୍ତେ ଆର୍ଥିକ ବର୍ଷ ୨୦୨୨-୨୩ରେ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ପ୍ରାୟ ୫୯ କୋଟି ଟଙ୍କାରେ ୧୩ ଟେଣ୍ଡର କରାଯାଇଛି। ଏଥିରେ ମୁଖ୍ୟତଃ ୧୦ ପିଏମ୍‌ଜିଏସୱାଇ ଅନ୍ତର୍ଭୁକ୍ତ ହୋଇଥିବାବେଳେ ୩ ଏମ୍ଏମ୍ଏସ୍‌ୱାଇ ରହିଛି। ୧୬ ନମ୍ବର ଜାତୀୟ ରାଜପଥଠାରୁ ହାଟସାହି ଭାୟା ସୋତି, ତାରାକୋଟଠାରୁ ପୂର୍ବକୋଟ, କୋରେଇଠାରୁ ୨୧୫ ନମ୍ବର ଜାତୀୟ ରାଜପଥ ଭାୟା ମୂଳସରଗଡ଼ା ଜଇଁତଳ, ଉତ୍ତରଖଜୁରିଆଠାରୁ ସୁନ୍ଦରପୋଖରୀ ଭାୟା ତାରାକୋଟ, ପାଣିକୋଇଲି-ପୂର୍ବକୋଟ ପୂର୍ତ୍ତ ବିଭାଗ ରାସ୍ତାଠାରୁ ଏନ୍ଏଚ୍ ୨୧୫- ଭାୟା ଉଚିନ୍ଦା, ମୁଲରୀ,



ରାସ୍ତାରୁ ପିଚୁ ଉଠିଯାଇଛି।

ବେଗନା, ମୃତ୍ୟୁଞ୍ଜୟପୁର, ରଗଡ଼ି-ପାଣିକୋଇଲି ପୂର୍ତ୍ତ ବିଭାଗ ରାସ୍ତାଠାରୁ ଅମୃତିଆ, ଧନେଶ୍ୱରଠାରୁ ବଡ଼ବିରୁଆଁ, ଇଚ୍ଛାପୁରଠାରୁ ଯୁଗଳ ଭାୟା ମଞ୍ଜୁରୀ, ଯୁଗଳକଣା, ଖୋସଲପୁର, କନ୍ତୋର, ଗଜେନ୍ଦ୍ରପୁର, ଏନ୍ଏଚ୍ ୨୧୫ଠାରୁ ଫର୍ତ୍ତିପୁର ଓ ଅମୃତିଆ ଭାୟା ଆଲିଆ, ବେଗନା, ମହୁଲିଆ ଆଦି ୧୦ ରାସ୍ତା ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ନିର୍ମାଣ ଚାଲିଛି। ସେହିପରି ଶଙ୍ଖଚିଲାଠାରୁ ତଣ୍ଡା ବରେଇ ରାସ୍ତା, ଏନ୍ଏଚ୍ ୨୧୫ ଅନ୍ଧାରିଠାରୁ କିଆପଦା ଭାୟା ସାହାଡ଼ାକୋଳି ରାସ୍ତା ଏବଂ ରଗଡ଼ି ପାଣିକୋଇଲି ପୂର୍ତ୍ତ ବିଭାଗ ରାସ୍ତାଠାରୁ କେନ୍ଦୁଝର ସୀମା ଭାୟା କଡ଼ମା ରାସ୍ତା ନିର୍ମାଣ ହେଉଛି। ହେଲେ ଉପରୋକ୍ତ ରାସ୍ତାଗୁଡିକର ନିର୍ଦ୍ଧାରିତ ସମୟସୀମା ଶେଷ ହୋଇ ରକ୍ଷଣାବେକ୍ଷଣ ତାରିଖ ଆରମ୍ଭ ହୋଇସାରିଥିଲେ ହେଁ କୌଣସି ସ୍ଥାନରେ କାମ ସମ୍ପୂର୍ଣ୍ଣ ହୋଇନାହିଁ। ଅନେକ ସ୍ଥାନରେ ଠିକାଦାର କେବଳ ଧର୍ମକୁ ଆଖିଠାର ସଦୃଶ କାମ କରି ବିଲ ହାତେଇ ନେଉଛନ୍ତି।

ଏଥିରୁ ଏନ୍ଏଚ୍ ୨୧୫ ଅନ୍ଧାରୀ ଛକଠାରୁ କିଆପଦା ଭାୟା ସାହାଡ଼ାକୋଳି ରାସ୍ତା କାମ ନିମ୍ନମାନର ହେଉଥିବା ଅଭିଯୋଗ ହେଉଛି। ଏହି କାମରେ ଠିକାଦାର ଆବଶ୍ୟକ ପିଚୁ ବ୍ୟବହାର କରି ନ ଥିବାରୁ କେତେକ ସ୍ଥାନରେ ଗୋଡ଼ ମାରିଲେ ପିଚୁ ଉଠିଯାଉଛି। ସେହିପରି ରଗଡ଼ି-ପାଣିକୋଇଲି ପୂର୍ତ୍ତ ବିଭାଗ ରାସ୍ତାଠାରୁ କେନ୍ଦୁଝର ସୀମା ଭାୟା କଡ଼ମା

**ଯାଜପୁର ଗ୍ରାମ୍ୟ ଉନ୍ନୟନ ବିଭାଗ**

■ଅଧାପନ୍ତରିଆ ୧୦ରୁ ଉର୍ଦ୍ଧ୍ୱ ରାସ୍ତା

ରାସ୍ତାଟି ମଧ୍ୟ ଅନୁରୂପ ଭାବେ କାମ ଚାଲିଛି। କେତେକ ସ୍ଥାନରେ ସାଇଡ୍ ଫିଲିଂ ନାମରେ ମୋରମ ବଦଳରେ ଜୋରବାଲି ଦେଇ ଠିକାଦାର କାମ ଚଳେଇ ଦେଇଛନ୍ତି। ଅଧିକାଂଶ ଜାଗାରେ ଗୋଡ଼ ମାରୁମାରୁ ଫଡ଼ାଫଡ଼ା ହୋଇ ପିଚୁଉଠୁଛି। ରଗଡ଼ି-ପାଣିକୋଇଲି ପୂର୍ତ୍ତ ବିଭାଗ ରାସ୍ତାଠାରୁ ଅମୃତିଆ ରାସ୍ତାରେ ମଧ୍ୟ ସମାନ ଅବସ୍ଥା ଦେଖିବାକୁ ମିଳିଛି। ଏଷ୍ଟିମେଟ୍ ଅନୁଯାୟୀ ପିଚୁ, ପ୍ରାଇମର୍, ଚିପ୍ସ, ବଜ୍ରୁରୀ ବ୍ୟବହାର ନ କରି ଜେନେତେନ ପ୍ରକାର କାମ କରି ସିଂହଭାଗ ଅର୍ଥ ହରିଲୁଟ କରିବାକୁ ମସୁଧା କରାଯାଇଛି। କାମ ଚାଲିବା ସମୟରେ ବିଭାଗୀୟ ଯନ୍ତ୍ରୀଙ୍କ ଅନୁପସ୍ଥିତ ଠିକାଦାରଙ୍କୁ ବେଶ ସୁହାଉଛି। ଏନେଇ ଲୋକେ ଅଭିଯୋଗ କଲେ ମଧ୍ୟ ଠିକାଦାରଙ୍କ ଉପରେ କୌଣସି ପ୍ରଭାବ ପଡୁନାହିଁ। ତେଣୁ ଜିଲା ଗ୍ରାମ୍ୟ ଉନ୍ନୟନ ବିଭାଗରେ ଥିବା କେତେଜଣ ଯନ୍ତ୍ରୀ ଓ ଅଧିକାରୀଙ୍କ ଉପରେ ଭିଜିଲାନ୍ସ ତଦନ୍ତ କରାଗଲେ ବିପୁଳ ଆୟ ବର୍ହିଭୂତ ସମ୍ପତ୍ତିଠାବ ହୋଇପାରନ୍ତା ବୋଲି କୁହାଯାଉଛି। ଏ ସମ୍ପର୍କରେ ଗ୍ରାମ୍ୟ ଉନ୍ନୟନ ବିଭାଗ ନିର୍ବାହୀ ଯନ୍ତ୍ରୀ ବାସନ୍ତୀମଣି ହଂସଦାଙ୍କୁ ପଚାରିବାରେ ସେ କହିଛନ୍ତି, ଠିକାଦାରମାନେ ମାର୍ଚ୍ଚ ମାସ ପର୍ଯ୍ୟନ୍ତ ସମୟସୀମା ବୃଦ୍ଧି ପାଇଁ ଆବେଦନ କରିଛନ୍ତି। ଏହାଛଡ଼ା ସମସ୍ତ କାମ ଠିକ ଭାବେ ଚାଲୁଛି ବୋଲି ସେ ପ୍ରକାଶ କରିଛନ୍ତି।

# ନୂତନ କିସମର ମୁଗଚାଷ ପାଇଁ ପ୍ରଶିକ୍ଷଣ



ଚାଷୀଙ୍କୁ ବିହନ ପ୍ରଦାନ କରାଯାଉଛି।

ରସୁଲପୁର,୨।୨(ରଞ୍ଜିତ ରାଉତ)

ରସୁଲପୁର ବ୍ଲକରେ ଡାଲିଜାତୀୟ ଫସଲ ଓ ମିଶ୍ରିତ କୃଷି ପ୍ରତି ଚାଷୀଙ୍କ ଆଗ୍ରହ ବଢ଼ାଇବା ପାଇଁ ସରକାରୀସ୍ତରରେ ପ୍ରୟାସ କରାଯାଉଛି। ସେଥିମଧ୍ୟରୁ ନୂତନ କିସମର ମୁଗଚାଷ ପାଇଁ ଚାଷୀଙ୍କୁ ପ୍ରଶିକ୍ଷଣ ଦିଆଯାଇଛି। ବ୍ଲକର ୨୮ ପଞ୍ଚାୟତରେ ମୁଗଚାଷ ପାଇଁ ଉନ୍ନତ ଭିତ୍ତିଭୂମି ରହିଥିବାରୁ ଅର୍ଦ୍ଧାଧିକ ପଞ୍ଚାୟତରେ ଚାଷୀଙ୍କୁ ମୁଗ ବିହନ, ସାର ଓ ବିହନ ବିଶୋଧନ ଔଷଧ ଆଦି ପ୍ରଦାନ କରାଯାଇଛି। ସମ୍ବଳ ଅଧିକାରୀମାନେ କ୍ଷେତରେ ପହଞ୍ଚି ମୁଗ ବୁଣାବୁଣି ସମ୍ପର୍କରେ ପ୍ରଶିକ୍ଷଣ ପ୍ରଦାନ କରିଛନ୍ତି। ସ୍ୱେଚ୍ଛାସେବୀ ସଂଗଠନ ଓ ଓଡ଼ିଶା ଫାଉଣ୍ଡେଶନ ମିଳିତ ସହଯୋଗରେ ଚାଷୀ ପ୍ରଶିକ୍ଷଣ କାର୍ଯ୍ୟକ୍ରମକୁ ପରିଚାଳନା କରାଯାଉଛି। ସମ୍ବଳ ଅଧିକାରୀମାନେ କ୍ଷେତରେ ପହଞ୍ଚି ଚାଷୀଙ୍କୁ ମୁଗ କିଟ୍ ପ୍ରଦାନ କରିବା ସହ ଧାନଚାଷ ପରେ ଜମିରେ ମୁଗ ଚାଷ କଲେ ଚାଷୀ କିଭଳି ଲାଭବାନ ହୋଇପାରିବେ ସେ ଦିଗରେ ପ୍ରଶିକ୍ଷଣ ପ୍ରଦାନ କରିଛନ୍ତି। ସଂଗଠନ ପକ୍ଷରୁ ପହଁଗା, ଜାବରା, ଶ୍ରୀବନ୍ତପୁର, ଟିକରପଡ଼ା, ବାରବାଟୀ, ଅର୍ଥଗାଁ, ସାମନ୍ତାରାପୁର, ଓଡ଼ିଶୋ, ପ୍ରଥମଖଣ୍ଡ, ମୁଗୁପାଳ, ଗନ୍ଧଣ ଓ ସିଂହାପୁର ଆଦି ପଞ୍ଚାୟତରେ ମୁଗୁଚାଷକୁ ଗୁରୁତ୍ୱ ଦିଆଯାଇଛି। ସଂଗଠନର ଜିଲା ସଂଯୋଜକ ସୌଭାଗ୍ୟ ନାୟକ ଓ ସଦସ୍ୟ ରଚନା ଦାଶ ପ୍ରମୁଖ ଏସବୁ ପଞ୍ଚାୟତରେ ଆୟୋଜିତ କାର୍ଯ୍ୟକ୍ରମକୁ ପରିଚାଳନା କରିବାରେ ସହଯୋଗ କରିଥିଲେ।

# ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାରରେ ପାତରଅନ୍ତର

ଛତିଆ,୨।୨(ସୌମ୍ୟ ରଞ୍ଜନ ସାହୁ)

ବିଦ୍ୟାଳୟରେ ସ୍ୱଚ୍ଛତା, ଶିକ୍ଷାଦାନ ଓ ବିଦ୍ୟାଳୟ ପରିଚାଳନା ସମେତ ୩୪ ନିୟମକୁଭିତ୍ତିକରି ରାଜ୍ୟ ସରକାରଙ୍କ ପକ୍ଷରୁ ଅନେକ ବିଦ୍ୟାଳୟକୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପ୍ରଦାନ କରାଯାଇଛି। ଏଥିରେ ବଡ଼ଚଣା ବ୍ଲକର ଜାନଗିରି ଉଚ୍ଚ ବିଦ୍ୟାଳୟ ସାମିଲ ହୋଇଛି। ହେଲେ ଧନଞ୍ଜୟ ବିଦ୍ୟାପୀଠ ବାଇଶମୌଜା, ଧାନମଣ୍ଡଳ ହାଇସ୍କୁଲ, ଛତିଆ ଉଚ୍ଚ ବିଦ୍ୟାଳୟ, ପଞ୍ଚାୟତ ସରକାରୀ ଉଚ୍ଚ ବିଦ୍ୟାଳୟ ନୂଆଗାଁ, ଗରଗଲି ଉଚ୍ଚ ବିଦ୍ୟାଳୟ, ସମୀରେଶ୍ୱର ବିଦ୍ୟାପୀଠ ସାଉଡ଼ିଆ ଏହି ପୁରସ୍କାର ପାଇବାରୁ ବାଦ ପଡ଼ିଥିବା ଅଭିଯୋଗ ହୋଇଛି। ଅନ୍ୟପକ୍ଷରେ ଏହି ପୁରସ୍କାରକୁ ନେଇ ପଞ୍ଚାୟତ ସରକାରୀ ଉଚ୍ଚ ବିଦ୍ୟାଳୟ ନୂଆଗାଁର ଗ୍ରାମବାସୀ ଓ ବିଦ୍ୟାଳୟ ପରିଚାଳନା କମିଟି ପାତରଅନ୍ତର ଅଭିଯୋଗ ଆଣି ଆନ୍ଦୋଳନ ଚେତାବନୀ ଦେଇଛନ୍ତି। ୨୦୨୨-୨୩ରେ ମୋ ସ୍କୁଲ କାର୍ଯ୍ୟରେ ଜିଲାସ୍ତରରେ ପ୍ରଥମ ପୁରସ୍କାର ପାଇଥିଲା ଉକ୍ତ ବିଦ୍ୟାଳୟ। ୫-ଟିରେ ଉନ୍ନତମାନର କାର୍ଯ୍ୟପାଇଁ ୫-ଟି ଅଧ୍ୟକ୍ଷ ଚଣ୍ଡିଖୋଲ ଆସିଥିବା ସମୟରେ ଏହି ବିଦ୍ୟାଳୟକୁ ପ୍ରଶଂସା କରିଥିଲେ। ୫-ଟି କାର୍ଯ୍ୟକ୍ରମରେ ଉକ୍ତ ବିଦ୍ୟାଳୟକୁ ମଡେଲ ସ୍କୁଲ ଭାବେ ପ୍ରଦର୍ଶନ କରାଯାଇଥିଲା। ସ୍କୁଲ୍ ଛାତ୍ରୀଛାତ୍ର ସରକାରଙ୍କ ପକ୍ଷରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ ଜିଲାସ୍ତରରେ ସଫଳତା ପାଇଛନ୍ତି। ଉକ୍ତ ବିଦ୍ୟାଳୟ ମଡେଲକୁ ନେଇ ବିଭିନ୍ନ ପ୍ରକାର ଟ୍ରେନିଂ କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ ହେଉଛି। ଏହି ବିଦ୍ୟାଳୟରେ ଦଶମ ଶ୍ରେଣୀ ପରୀକ୍ଷାରେ ପ୍ରତିବର୍ଷ ଶତପ୍ରତିଶତ ସଫଳତା ଲାଭ କରିଆସୁଛି। ହେଲେ ଏସବୁ ସତ୍ତ୍ୱେ ପୁରସ୍କାରରୁ ବାଦ ପଡ଼ିବାକୁ ନେଇ ପାତରଅନ୍ତର ହୋଇଥିବା ସ୍ପଷ୍ଟ ବାରି ହୋଇପଡୁଛି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ତେଣୁ ବିଦ୍ୟାଳୟ ପରିଦର୍ଶନ କରି ଏହାର ଭିତ୍ତିଭୂମି ଯାଞ୍ଚ କରିବାକୁ ବିଭାଗୟ ଅଧିକାରୀଙ୍କୁ ଆହ୍ୱାନ ଦେଇଛନ୍ତି ଗ୍ରାମବାସୀ। ସେହିପରି ଏହି ବିଦ୍ୟାଳୟ କାହିଁକି ପୁରସ୍କାରରୁ ବାଦ ପଡ଼ିଲା ବୋଲି ଶିକ୍ଷା ଚୟନ କମିଟକୁ ସେମାନେ ପ୍ରଶ୍ନ କରିଛନ୍ତି। ତେଣୁ ତୁରନ୍ତ ଏହାର ତଦନ୍ତ କରିବାକୁ ଗ୍ରାମବାସୀ ଓ ବିଦ୍ୟାଳୟ ପରିଚାଳନା କମିଟି ପକ୍ଷରୁ ଦାବି ହୋଇଛି।

# ଘରେ ଘରେ ଶଙ୍ଖ ଅଭିଯାନ



ବରୀ ବ୍ଲକ ସାହୁପଡ଼ା ପଞ୍ଚାୟତର ମାଟିଆପଡ଼ା ଗ୍ରାମରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଧାୟିକା ସୁନନ୍ଦା ଦାସ ଓ କର୍ମୀ।

ବରୀ,୨।୨(ମହେନ୍ଦ୍ର ସ୍ୱାଇଁ)

ବରୀ ନିର୍ବାଚନମଣ୍ଡଳୀରେ ଶୁକ୍ରବାର ଦ୍ୱିତୀୟ ପର୍ଯ୍ୟାୟ ଘରେ ଘରେ ଶଙ୍ଖ ଅଭିଯାନ ଆରମ୍ଭ ହୋଇଛି। ବରୀ ବ୍ଲକ ଅନ୍ତର୍ଗତ ସାହୁପଡ଼ା ପଞ୍ଚାୟତର ମାଟିଆପଡ଼ା ଗ୍ରାମରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଧାୟିକା ସୁନନ୍ଦା ଦାସ ଯୋଗଦେଇ କର୍ମକର୍ତ୍ତାଙ୍କ ସହ ଘରକୁ ଘର ବୁଲି ରାଜ୍ୟ ସରକାରଙ୍କ ପକ୍ଷରୁ ବରୀରେ ହୋଇଥିବା ଏବଂ ହେଉଥିବା ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ ସମ୍ପର୍କରେ ଲୋକଙ୍କୁ ଅବଗତ କରାଇଥିଲେ। ଏହାପରେ ଘରେଘରେ ଦଳର ପ୍ରତୀକ ଶଙ୍ଖ ଚିହ୍ନ ଲଗାଇଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ବିଜେଡି ସଭାପତି କେଦାର ସାମଲ, ଚନ୍ଦନପୁର ସରପଞ୍ଚ ଚପଳା ମଲ୍ଲ, ଏମ୍‌ପିଙ୍କ ପ୍ରତିନିଧି ପ୍ରଦୀପ ଘଡ଼ାଇ, ପୂର୍ବତନ ସରପଞ୍ଚ ବିଜୟ ନାୟକ, ଅରବିନ୍ଦ ମହାନ୍ତି, ଆର୍ତ୍ତବନ୍ଧୁ ସାମଲ, ବ୍ଲକ ଯୁବ ବିଜେଡି ସଭାପତି ରଞ୍ଜନ ପଣ୍ଡା, ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ଅଯୋଧ୍ୟା ଜେନା, ବାଲିବିଲ ପଞ୍ଚାୟତ ବିଜେଡି ସଭାପତି ପ୍ରତାପ ଜେନା, ସୌମ୍ୟରଞ୍ଜନ ସାମଲ, ଦିଲୀପ ସ୍ୱାଇଁ, ପ୍ରାକ୍ତନ ସମିତିସଭ୍ୟ ଆଶିଷ ପରିଡ଼ା, ଅଜୟ ମଲ୍ଲ ଓ ଗୀତାଞ୍ଜଳି ପରିଡ଼ାଙ୍କ ସମେତ ବହୁ ଦଳୀୟ ଉପସ୍ଥିତ ଥିଲେ।

# ବରପଦାରେ ଖୋଲିଲା ଧାନମଣ୍ଡି

ସିଂହପୁର,୨।୨(ଅନଙ୍ଗ ଉଦୟ ବେଉରିଆ)

ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ବରପଦା ପଞ୍ଚାୟତରେ ନୂତନ ପ୍ରାଥମିକ କୃଷି ସମବାୟ ସମିତି ପକ୍ଷରୁ ଧାନମଣ୍ଡି ଖୋଲାଯାଇଛି। କୃଷି ସମବାୟ ସମିତି ସଭାପତି ଭକ୍ତିଲତା ସାମଲଙ୍କ ସଭାପତିତ୍ୱରେ ମୁଖ୍ୟଅତିଥିଭାବେ ବିଞ୍ଝାରପୁର ପଞ୍ଚାୟତ ସମିତି ଅଧକ୍ଷା ରଞ୍ଜିତା ଦାସ ଯୋଗଦେଇ ଧାନମଣ୍ଡି ଶୁଭାରମ୍ଭ କରିଥିଲେ। ଅନ୍ୟତମ ଅତିଥିଭାବେ ସମିତିସଭ୍ୟ ସଞ୍ଜୟ ମଲ୍ଲିକ, ପୂର୍ବତନ ସରପଞ୍ଚ ମନ୍ଦାକିନୀ ଧଳ, ବୋର୍ଡ ସଦସ୍ୟା ସାବିତ୍ରୀ ବାରିକ, ସମ୍ପାଦକ ମାନସରଞ୍ଜନ କବି, ଅନିରୁଦ୍ଧ ସାହୁ, ମହେନ୍ଦ୍ର ଧଳ, ଚାଷୀ ହରିଶ୍ଚନ୍ଦ୍ର ଧଳ, ପ୍ରମୋଦ ବେହେରା, ରମାକାନ୍ତ ବେହେରା, ବିଷ୍ଣିନି ଚନ୍ଦ୍ର ଦାସ, ନାରଣ ଚନ୍ଦ୍ର ଦାସ, ଶରୋଜ ମଲ୍ଲିକ, ମନୋଜ ସାମଲ, ନିରଞ୍ଜନ ଜେନା, ଅରୁଣ ବାରିକ, ସୁମନ ଧଳ, ପ୍ରିୟବ୍ରତ ଜେନା, ସୁଜିତ ବେହେରା, ତ୍ରିଲୋଚନ ନାୟକ, ସୁଜିତ ସାହୁ, ଅର୍ଣ୍ଣଦା ପ୍ରସାଦ ସାମଲ, ବିଭୂତି ସାହୁ ଓ ନରେଶ ଧଳ ପ୍ରମୁଖ ଯୋଗଦେଇଥିଲେ। ପ୍ରଥମ ଦିନରେ ଅଞ୍ଚଳର ୧୫ରୁ ଉର୍ଦ୍ଧ୍ୱ ଚାଷୀଙ୍କଠାରୁ ଧାନ କିଣାଯାଇଥିଲା।

# ପ୍ରଧାନ ଶିକ୍ଷକଙ୍କୁ ମୁଖ୍ୟମନ୍ତ୍ରୀ ଶିକ୍ଷା ସମ୍ମାନ

ପ୍ରୀତିପୁର,୨।୨(ସୁଶାନ୍ତ ବେହୁରିଆ)

ମୁଖ୍ୟମନ୍ତ୍ରୀ ଶିକ୍ଷା ସମ୍ମାନ ବିଞ୍ଝାରପୁର ବ୍ଲକ୍ ଅଧୀନ ଆଉଁରୀ ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ ଲକ୍ଷ୍ମୀନାରାୟଣ ମହାନ୍ତିଙ୍କୁ ପ୍ରଦାନ କରାଯାଇଛି। ଶିକ୍ଷାକ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ରାଜ୍ୟ ସରକାର ତାଙ୍କୁ ମାନପତ୍ର ସହିତ ଆର୍ଥିକ ପୁରସ୍କାର ପ୍ରଦାନ କରିଛନ୍ତି। ମହାନ୍ତି ୧୫ବର୍ଷ ଧରି ଉକ୍ତ ବିଦ୍ୟାଳୟରେ ଶିକ୍ଷକତା କରୁଥିବାବେଳେ ଅନେକ ବର୍ଷଧରି ଶିକ୍ଷାପ୍ରତି ସମର୍ପିତଭାବେ କାର୍ଯ୍ୟ କରି ଆସୁଛନ୍ତି।

# ଓସିଏଲ୍ ମଜଦୁର ସଂଘର ବନ୍ଧୁମିଳନ

ଛତିଆ,୨।୨(ସୌମ୍ୟରଞ୍ଜନ ସାହୁ)

ଓସିଏଲ୍ ମଜଦୁର ସଂଘର ବନ୍ଧୁମିଳନ ଓ ଏକ ସଭା କମ୍ପାନୀ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସଂଘ ସାଧାରଣ ସମ୍ପାଦକ ତଥା ଅଲ୍ ଓଡ଼ିଶା ଠିକା ମଜଦୁର ସଂଘ ସଭାପତି ଅଶୋକ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବନ୍ଧୁମିଳନ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅଲ୍ ଇଣ୍ଡିଆ କୃଷି ମଜଦୁର ମହାସଂଘ ସଭାପତି ବସନ୍ତ ସାହୁ, ଅଲ୍ ଓଡ଼ିଶା ଆଶା, ଅଙ୍ଗନୱାଡି ପ୍ରଭାରୀ ମୁକ୍ତିକାନ୍ତ ସାହୁ ଯୋଗଦେଇ ସଂଘର ବିଭିନ୍ନ ସମସ୍ୟା ଓ ତା'ର ସମାଧାନ ସମ୍ପର୍କରେ ଆଲୋଚନା କରିଥିଲେ। ସ୍ୱତନ୍ତ୍ର ଅତିଥିଭାବେ କପିଳାସ ଲେବର ୟୁନିୟନ ସଭାପତି ଚିତ୍ତରଞ୍ଜନ ସାମଲ ଓ ୟୁନିୟନର ଅନ୍ୟ ସଦସ୍ୟ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ସାରଦା ପ୍ରସନ୍ନ ପାତ୍ର ପରିଚାଳନା କରିଥିଲେ। ସଞ୍ଜୟ ମୁଦୁଲି, ଅତୁଲ୍ୟ ସ୍ୱାଇଁ, ଆଶିଷ ନାୟକ, ସମୀର ମହାନ୍ତି, ଉମ୍ବରୁଧର ବାରିକ, ଦୈତାରି ବେହେରା, ଗୋଲକ ବେହେରା, ଲିପୁନ ବାରିକ, ଦିଲୀପ ଜେନା, ସନ୍ତୋଷ ସାହୁ, ସୁବ୍ରତ ସିଂ, ଅନିଲ କୁମାର, ପ୍ରଭାକର ନାୟକ, ସଞ୍ଜୟ ଜଟ ଓ ଅକ୍ଷୟ ଦାସ ପ୍ରମୁଖ ଯୋଗଦେଇ ସହଯୋଗ କରିଥିଲେ। ଶ୍ରୀନିବାସ ବେହେରା ଧନ୍ୟବାଦ ଦେଇଥିଲେ।

# ଅବସରପ୍ରାପ୍ତ ପୋଲିସ କର୍ମଚାରୀଙ୍କ ପରଲୋକ

ବଡ଼ଚଣା,୨।୨(ଦିଲୀପ କୁମାର ମହାନ୍ତି)

ଚଣ୍ଡିଖୋଲ ସନ୍ନିକଟ ସିପୁରା ଗ୍ରାମର ଅବସରପ୍ରାପ୍ତ ପୋଲିସ କର୍ମଚାରୀ ପୀତାମ୍ବର ରାଉତରାୟ(୮୪)ଙ୍କ ଶୁକ୍ରବାର ନିଜ ବାସ ଭବନରେ ପରଲୋକ ହୋଇଛି। ରାଉତରାୟ ଚାକିରିରୁ ଅବସର ନେଲାପରେ ସମାଜ ସେବାରେ ନିଜକୁ ନିୟୋଜିତ କରିଥିଲେ।



ସେ ବହୁ ସାମାଜିକ, ସାଂସ୍କୃତିକ ଓ ଅଧ୍ୟାତ୍ମିକ ସଂଗଠନ ସହ ଜଡ଼ିତ ଥିଲେ। ତାଙ୍କ ମୃତ୍ୟୁ ଶଯ୍ୟା ନିକଟରେ ପରିବାର ଲୋକେ ଉପସ୍ଥିତ ଥିଲେ। ମୃତଦେହକୁ ଶୋଭାଯାତ୍ରାରେ ନିଆଯାଇ ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ଶବାଧାରରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ସାମିଲ ହୋଇଥିଲେ। ଜ୍ୟେଷ୍ଠ ପୁତ୍ର ଅମିୟ ମୁଖାଗ୍ନି ଦେଇଥିଲେ। ତାଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ନଦୀରେ ବୁଡ଼ି ବୃଦ୍ଧଙ୍କ ମୃତ୍ୟୁ

ଧର୍ମଶାଳା,୨।୨(ବଟକୃଷ୍ଣ ପରିଡ଼ା)

ଧର୍ମଶାଳା ବ୍ଲକ୍ ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ କଦମପାଳ ଗ୍ରାମର ଜଣେ ବୃଦ୍ଧଙ୍କ ଶୁକ୍ରବାର ନଦୀରେ ବୁଡ଼ି ମୃତ୍ୟୁ ହୋଇଛି। ମୃତକ ହେଲେ ଗ୍ରାମର ଦୀଜବର ଜେନା(୭୦)। ସେ ସକାଳେ ଘର ନିକଟ କେଲୁଅ ନଦୀକୁ ଗାଧୋଇବାକୁ ଯାଇଥିବାବେଳେ ଗୋଡ଼ ଖସିଯିବାରୁ ବୁଡ଼ିଯାଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଧର୍ମଶାଳା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପରେ ପୋଲିସ ମେଡିକାଲରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇବା ପରେ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

# ମହାବିନାୟକ ଲଘୁ ଖଣିଜ ପରିବହନ ମାଲିକ ସଂଘ ନୂତନ ଗୃହ ଉଦ୍‌ଘାଟିତ



ମହାବିନାୟକ ଲଘୁଖଣିଜ ପରିବହନ ମାଲିକ ସଂଘର ନୂତନ କାର୍ଯ୍ୟାଳୟ ଉଦ୍‌ଘାଟନ ଅବସରରେ ମଞ୍ଚାସୀନ ଅତିଥି।

ଧର୍ମଶାଳା/ବଡ଼ଚଣା,୨।୨
(ବଟକୃଷ୍ଣ ପରିଡ଼ା/ ଦିଲୀପ କୁମାର ମହାନ୍ତି)

ଧର୍ମଶାଳା ବ୍ଲକ ଅନ୍ତର୍ଗତ ନେଉଳପୁର ଠାରେ ଶୁକ୍ରବାର ପୂର୍ବାହ୍ନରେ ମହାବିନାୟକ ଲଘୁ ଖଣିଜ ପରିବହନ ମାଲିକ ସଂଘର ନୂତନ ଗୃହ ଉଦ୍‌ଘାଟିତ ହୋଇଯାଇଛି। ସଭାପତି ଅଜାମ୍ବର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଧର୍ମଶାଳା ବିଧାୟକ ପ୍ରଣବ ବଳବନ୍ତରାୟ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥି ଭାବେ ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀ ଯୋଗଦେଇ ସଂଘ କାର୍ଯ୍ୟଧାରାର ଭୂୟସୀ ପ୍ରଶଂସା କରିଥିଲେ। ମୁଖ୍ୟବକ୍ତାଭାବେ ଓଡ଼ିଶା ଟ୍ରକ ମାଲିକ ମହାସଂଘ ସଧାରଣ ସମ୍ପାଦକ ରବିନାରାୟଣ ଶତପଥୀ ଯୋଗଦେଇଥିଲେ।

ଏହି ଅବସରରେ ଟ୍ରକ ମାଲିକ ସଂଘର ବରିଷ୍ଠ ଉପଦେଷ୍ଟା ଶେଷଦେବ ନାୟକ, ୨୦୨୩ ମାଟ୍ରିକ ପରୀକ୍ଷାରେ ସର୍ବୋଚ୍ଚ ୫୯୦ ନମ୍ବର ରଖିଥିବା ଛାତ୍ରୀ ଶ୍ରେୟାଶ୍ରୀ ଜେନା, ଖବରଦାତା ମହେଶ୍ୱର ବଳ, ବେଣୁଧର ପଣ୍ଡା, ଧର୍ମଶାଳା ପ୍ରେସ୍ କ୍ଲବ, ଚଣ୍ଡିଖୋଲ ପ୍ରେସ୍ କ୍ଲବ, ଉଦିୟମାନ କଳା ପରିଷଦ, ସାମାଜିକ କର୍ମୀ ମୃତ୍ୟୁଞ୍ଜୟ ବରାଳ, ଗାଡ଼ି ଚାଳକ ଅଶୋକ ପଣ୍ଡା ଓ ରାଜମିସ୍ତ୍ରୀ ସୁଶାନ୍ତ କୁମାର ସାହୁ ପ୍ରମୁଖଙ୍କୁ ସଂଘ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ସାଧାରଣ ସମ୍ପାଦକ ଅମିତ ସାହୁ ବିବରଣୀ ପାଠ କରିଥିଲେ। ଉପଦେଷ୍ଟା ଚନ୍ଦନ ନାୟକ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। ଟିଭି କଳାକାର ସୁଲଗ୍ନା ରାଉତରାୟ ମଞ୍ଚ ପରିଚାଳନା କରିଥିଲେ। ପରେ ସଂଘ ପକ୍ଷରୁ ଅତିଥିଙ୍କୁ ସମ୍ବର୍ଦ୍ଧିତ କରଯାଇଥିଲା। ପ୍ରାରମ୍ଭରେ ଉଦିୟମାନ କଳା ପରିଷଦ କଳାକାରଙ୍କ ଦ୍ୱାରା ନୃତ୍ୟ,ସଙ୍ଗୀତ ପରିବେଷଣ କରାଯାଇଥିଲା। ସଂଘ ଉପସଭାପତି ସରୋଜ ରାଉତ ସମସ୍ତଙ୍କୁ ସ୍ୱାଗତ କରିଥିଲେ। କୋଷାଧ୍ୟକ୍ଷ ରଜନୀକାନ୍ତ କର ଧନ୍ୟବାଦ ଦେଇଥିଲେ।

# ମୁଁ ବି ହେବି ନବୀନ ଓଡ଼ିଶାର ସାରଥି, ପ୍ରଣବଙ୍କ ସାଥୀ

ଧର୍ମଶାଳା,୨।୨(ବଟକୃଷ୍ଣ ପରିଡ଼ା)



କାର୍ଯ୍ୟକ୍ରମରେ ଉପସ୍ଥିତ ଯୁବ ଓ ଛାତ୍ର ବିଜେଡିର କର୍ମକର୍ତ୍ତା।

ଧର୍ମଶାଳା ବ୍ଲକ ଚକ୍ରଧରପୁର ପଞ୍ଚାୟତରେ ଯୁବ ଓ ଛାତ୍ର ବିଜେଡି ପକ୍ଷରୁ 'ମୁଁ ବି ହେବି ନବୀନ ଓଡ଼ିଶାର ସାରଥୀ, ଧର୍ମଶାଳାରେ ପ୍ରଣବଙ୍କ ସାଥୀ' କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ବ୍ଲକ୍ ଯୁବ ବିଜେଡି ସଭାପତି କ୍ଷୀତିଶ କୁମାର ନାୟକ ଉଦ୍‌ଘାଟନ କରିଥିଲେ। ଜିଲା ଛାତ୍ର ବିଜେଡି ସଭାପତି ସୌମ୍ୟପ୍ରକାଶ ବିଶ୍ୱାଳ, ବ୍ଲକ୍ ଛାତ୍ର ବିଜେଡି ସଭାପତି ଜଗଦାନନ୍ଦ ରାଉତ, ଗାଲର୍ସ ୱିଙ୍ଗ ସଭାନେତ୍ରୀ କ୍ଷିରାବ୍ଧୀ ତନୟା ମଲ୍ଲିକ, ନିର୍ବାଚନମଣ୍ଡଳୀ ଯୁବ ବିଜେଡି ସଭାପତି ସୁବ୍ରତ କୁମାର ଧଳ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ୧୧ନଂ. ଜୋନ ଜିଲା ପରିଷଦ ସଭ୍ୟ ସୁଧାଂଶୁ ଭୂଷଣ ସାହୁ, ଏମ୍‌ପିଙ୍କ ପ୍ରତିନିଧି ଉତ୍କଳ ଦାସ, ଜୋନ ସଂଯୋଜକ ବିକାଶ ଦାସ, ଚକ୍ରଧରପୁର ପଞ୍ଚାୟତ ସଭାପତି କୃଷ୍ଣଚନ୍ଦ୍ର ସାହୁ, ସରପଞ୍ଚ ସରୋଜିନୀ ନାୟକ, ସମିତିସଭ୍ୟ ସୌମ୍ୟରଞ୍ଜନ ସାହୁ, ଜୋନ-୧୧ର ଯୁବ ବିଜେଡି ସଭାପତି ଜୟନ୍ତ ଜେନା, ଛାତ୍ର ବିଜେଡି ସଭାପତି ଜ୍ଞାନରଞ୍ଜନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଚକ୍ରଧରପୁର ପଞ୍ଚାୟତରେ ଉପସ୍ଥିତ ଯୁବ-ଛାତ୍ରଙ୍କୁ ବିଧାୟକ ପ୍ରଣବ ବଳବନ୍ତରାୟ ଚାଲୁ ରଖିଥିବା ପ୍ରଗତି କାର୍ଯ୍ୟକୁ ଆଗେଇ ନେବାପାଇଁ ନାୟକ ଆହ୍ୱାନ ଦେଇଥିଲେ। ଏଥିସହ ନୂତନ ଭୋଟରଙ୍କୁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଚକ୍ରଧରପୁର ଯୁବ ବିଜେଡି ସଭାପତି ପ୍ରଶାନ୍ତ ନାୟକ ସଭାପତିତ୍ୱ କରିଥିଲେ। ଜିଲା ଯୁବ ବିଜେଡି ସାଧାରଣ ସମ୍ପାଦକ ପ୍ରଦୀପ ପାଲ, ସରପଞ୍ଚଙ୍କ ପ୍ରତିନିଧି କୀର୍ତ୍ତନ ନାୟକ, ପଞ୍ଚାୟତ ଛାତ୍ର ବିଜେଡି ସଭାପତି ରବୀନ୍ଦ୍ର ଜେନା, ଯୁବ ବିଜେଡି ନେତା ସଂଗ୍ରାମ ସାହୁ, ବ୍ଲକ୍ ଯୁବ ବିଜେଡି ସମ୍ପାଦକ ସୁବାଶିଷ ମହାନ୍ତି ଓ ଛାତ୍ର ବିଜେଡି ସମ୍ପାଦକ ହରିହର ଓଝା ସହଯୋଗ କରିଥିଲେ।

## ନୂଆ-ଓ, ସାହିତ୍ୟ ପ୍ରତିଯୋଗିତା ଉଦ୍‌ଯାପିତ

ପାଟକୁରା, ୨।୨ (ରବିନ୍ଦ୍ରନାଥ ବାରିକ)

ଗରଦପୁର ବ୍ଲକ ଅନ୍ତର୍ଗତ ତେଣ୍ଡାକୁଠାରେ ପ୍ରତିଷ୍ଠିତ ବିଜୟ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ନୂଆ-ଓ ଏବଂ ଭାଷା ଓ ସାହିତ୍ୟ ତଥା ଜଗନ୍ନାଥ ସଂସ୍କୃତି ଭିତ୍ତିକ ପ୍ରତିଯୋଗିତାର ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି । ଅଧକ୍ଷ ତ୍ରିଲୋଚନ ସ୍ୱାଇଁଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ତେଣ୍ଡାକୁ ପୂର୍ବତନ ସରପଞ୍ଚ ତଥା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରତିଷ୍ଠାତା ରବିନ୍ଦ୍ର ନାଥ ମହାନ୍ତି ଯୋଗଦେଇ ଜଗନ୍ନାଥ ଧର୍ମର ବିଶ୍ୱ ବ୍ୟାପକତା ଓ ଏହାର ପ୍ରଚାର ପ୍ରସାର ଉପରେ ଆଲୋକପାତ କରିଥିଲେ । ମୁଖ୍ୟ ବକ୍ତା ଭାବେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଜାତୀୟ ସେବା ସଂସ୍ଥାର ସଂଯୋଜକ ଓ ନୂଆ-ଓ କାର୍ଯ୍ୟକ୍ରମର ସଂଯୋଜକ ତଥା ଅଧ୍ୟାପକ ବସନ୍ତକୁମାର ପାତ୍ର ଯୋଗଦେଇ ସରକାରଙ୍କ ଏହି କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିବା ସହ ଭଲ ମଣିଷ ହେବାକୁ ପିଲା ମାନଙ୍କୁ ପରାମର୍ଶ ଦେଇଥିଲେ । ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସାଂସ୍କୃତିକ କାର୍ଯ୍ୟକ୍ରମର ସଂଯୋଜକ ତଥା ଓ ବିଭାଗର ଅଧ୍ୟାପକ ଉମାକାନ୍ତ ମଲିକ ସୱାଗତ ଭାଷଣ ଦେବା ସହିତ ଅତିଥି ପରିଚୟ ପ୍ରଦାନ କରିଥିଲେ । ବାଣିଜ୍ୟ ବିଭାଗର ଅଧ୍ୟାପକବିଶ୍ୱଜିତ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।

# ସ୍ୱାଭିମାନ ହରାଉଛି ମୋ ପଟ୍ଟାମୁଣ୍ଡାଇ

ପଟ୍ଟାମୁଣ୍ଡାଇ, ୨।୨ (କଳ୍ପତରୁ ନାୟକ)

ସୀମା ପୁନଃ ନିର୍ଦ୍ଧାରଣରେ ପଟ୍ଟାମୁଣ୍ଡାଇ ନିର୍ବାଚନମଣ୍ଡଳୀ ଉଚ୍ଛେଦ ପରେ ପଟ୍ଟାମୁଣ୍ଡାଇ ଅଞ୍ଚଳ ଅବହେଳିତ ହେବା ସହ ସ୍ୱାଭିମାନ ନିଶ୍ଚିହ୍ନ ହେବାକୁ ବସିଛି । ପଟ୍ଟାମୁଣ୍ଡାଇର ସ୍ୱାଭିମାନ ଫେରାଇ ଆଣିବା ପାଇଁ କେତେକ ସଙ୍ଗଠନ ଉଦ୍ୟମ ଜାରି ରଖିଥିବାବେଳେ ଶାସକ ଦଳର ପୃଷ୍ଠପୋଷକତା ଲାଭ କରିଥିବା କେତେଜଣ ରାଜନେତା ସୁନେଲି ସ୍ୱପ୍ନ ଦେଖାଇ ଚାଲିଛନ୍ତି । ଅନ୍ୟପକ୍ଷେ ଅର୍ନ୍ତଦ୍ୱନ୍ଦ୍ୱରେ ବୁଡ଼ି ରହିଥିବା ମୁଖ୍ୟ ବିରୋଧୀ ଦଳମାନେ ନୀରବ ଦର୍ଶକ ସାଜିଛନ୍ତି ବୋଲି ଅଭିଯୋଗ ହୋଇଛି ।

ଏ ସଂକ୍ରାନ୍ତରେ ବୁଦ୍ଧିଜୀବୀ ପ୍ରମୋଦ ସାହୁ, ଅନନ୍ତ ଦାଶ, ପ୍ରବୀର ନାୟକ ପ୍ରମୁଖ କୁହନ୍ତି, କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ନିର୍ବାଚନ ମଣ୍ଡଳୀ ଆସନ ୧୯୬୭ ମସିହାରୁ ସଂରକ୍ଷିତ ହୋଇଥିଲା । ଏହା ପୂର୍ବରୁ ଯୁଗ୍ମ ନିର୍ବାଚନ ମଣ୍ଡଳୀ ଥିଲା । ସେବେଠାରୁ ସଂସ୍କୃତି, ପରମ୍ପରା, ଜୀବନଜୀବିକାର,ରାଜନୀତି ଓ ଚାଷ ଆଦି କ୍ଷେତ୍ରରେ ପଟ୍ଟାମୁଣ୍ଡାଇ ଭାଇଚାରା ଓ ସ୍ୱାଭିମାନର ପ୍ରତୀକ ବୋଲି ଜିଲାବାସୀ




### ନିର୍ବାଚନମଣ୍ଡଳୀ ଭାଗ ପରେ ଅବହେଳା

କହୁଥିଲେ । ମାତ୍ର ୨୦୦୯ ସାଧାରଣ ନିର୍ବାଚନ ପୂର୍ବରୁ ପଟ୍ଟାମୁଣ୍ଡାଇକୁ ଭାଗଭାଗ କରିଦିଆ ଯିବାରୁ ପଟ୍ଟାମୁଣ୍ଡାଇର ସ୍ୱାଭିମାନ ହାନୀ ହୋଇଥିଲା । ୨୦୧୪ ପରଠାରୁ ଏହି ସ୍ୱାଭିମାନ ଲୋପ ପାଇବାରେ ଲାଗିଛି । ୧୯୬୭ରେ ପ୍ରଥମ ବିଧାନସଭା ନିର୍ବାଚନରେ ପଟ୍ଟାମୁଣ୍ଡାଇ ନିର୍ବାଚନ ମଣ୍ଡଳୀରୁ ବିଶ୍ୱନାଥ ମଲିକ(ପ୍ରଜା ସମାଜବାଦୀ ପାର୍ଟି), ୧୯୭୧ରେ ପ୍ରହ୍ଲାଦ ମଲିକ (ଉତ୍କଳ କଂଗ୍ରେସ), ୧୯୭୪ରେ ବିଶ୍ୱନାଥ ମଲିକ (ଜାତୀୟ କଂଗ୍ରେସ), ୧୯୭୭ରେ ତାପସ ଦାସ (ଜନତା ଦଳ), ୧୯୮୦ରେ ବିଶ୍ୱନାଥ ମଲିକ (କଂଗ୍ରେସ), ୧୯୮୫ରେ ଗଣେଶ୍ୱର ବେହେରା (କଂଗ୍ରେସ), ୧୯୯୦ରେ ରାଧାକାନ୍ତ ସେଠୀ (ସିପିଏମ ) ୧୯୯୫ରେ ଗଣେଶ୍ୱର ବେହେରା (କଂଗ୍ରେସ), ୨୦୦୦ରେ ତାପସ ଦାସ (ବିଜେଡି), ୨୦୦୪ରେ କିଶୋର ତରାଇ ବିଜେଡିରୁ ବିଧାୟକ ଭାବେ ନିର୍ବାଚିତ ହୋଇ ପଟ୍ଟାମୁଣ୍ଡାଇ ସ୍ୱାଭିମାନକୁ ବଞ୍ଚାଇ ରଖିଥିଲେ । ପଟ୍ଟାମୁଣ୍ଡାଇ ଅଞ୍ଚଳରେ ହେଉଥିବା ସଭା ସମିତିରେ ଦଳଗତ ମତ ନିର୍ବିଶେଷରେ ସମସ୍ତେ ଭାଇଭାଇ ହୋଇ ପଟ୍ଟାମୁଣ୍ଡାଇର ସ୍ୱାଭିମାନର ଗାରିମାକୁ ବଜାଇ ରଖିଥିଲେ ।

ମାତ୍ର ୨୦୦୯ରେ ରାଜନଗର ନିର୍ବାଚନ ମଣ୍ଡଳୀ କରାଯିବା ସହିତ ଅଧିକାଂଶ ନିର୍ବାଚିତ ପ୍ରତିନିଧି ରାଜନଗରରୁ ହୋଇଥିବାରୁ ପଟ୍ଟାମୁଣ୍ଡାଇ ବିକାଶରେ ବ୍ରେକ୍ ଲାଗିବା ସହ ସ୍ୱାଭିମାନକୁ ଦଳିମକଚି ଦେଇସାରିଲେଣି । ଖାଲି ବାଇପାସ ଠାରେ ମୋ ସ୍ୱାଭିମାନ ମୋ ପଟ୍ଟାମୁଣ୍ଡାଇ ଲେଖି ପଟ୍ଟାମୁଣ୍ଡାଇବାସୀଙ୍କୁ ସୁନେଲି ସ୍ୱପ୍ନ ଦେଖାଇଚାଲିଛନ୍ତି ।

ପଟ୍ଟାମୁଣ୍ଡାଇ ନିର୍ବାଚନ ମଣ୍ଡଳୀକୁ ଭାଗ ଭାଗ କରି ପଟ୍ଟାମୁଣ୍ଡାଇର ୧୯ ପଞ୍ଚାୟତ ଓ ପୌରପାଳିକାର ୨୦ ୱାର୍ଡ ରାଜନଗର ନିର୍ବାଚନ ମଣ୍ଡଳୀରେ ଏବଂ ୧୨ଟା ପଞ୍ଚାୟତକୁ କେନ୍ଦ୍ରାପଡ଼ା ଆସନରେ ମିଶାଇ ଦିଆଯାଇଛି । ପଟ୍ଟାମୁଣ୍ଡାଇ ବ୍ଲକ ଓ ପୌରାଞ୍ଚଳରେ ଶିକ୍ଷା, ସ୍ୱାସ୍ଥ୍ୟ, ପରିବହନ, ଗମନାଗମନ, ସହରୀକରଣ, ଆଇନସେବା, କୃଷି, ଜଳସେଚନ, ରିନୋଭେଶନ ଆଦି କ୍ଷେତ୍ରରେ ଅବହେଳିତ କରାଯାଇଥିବା ବେଳେ ପଟ୍ଟାମୁଣ୍ଡାଇର ସ୍ୱାଭିମାନକୁ ଧିରେଧିରେ ଧୂଳିସାତ କରାଯାଉଥିବ ଅଭିଯୋଗ ହୋଇଛି । ଖାଲି ବଡବଡ ବୋର୍ଡରେ ମୋ ସ୍ୱାଭିମାନ ମୋ ପଟ୍ଟାମୁଣ୍ଡାଇ ଲେଖି ପଟ୍ଟାମୁଣ୍ଡାଇବାସୀଙ୍କୁ ନିରାଶ କରାଯାଉଛି । ଏଥିନେଇ ପଟ୍ଟାମୁଣ୍ଡାଇର ନେତୃତ୍ୱ ନେଉଥିବା ଶାସକ କିମ୍ବା ବିରୋଧୀଙ୍କ କୌଣସି ସ୍ୱତନ୍ତ୍ର ଦୃଷ୍ଟି ଭଙ୍ଗୀ ରହୁନାହିଁ ବୋଲି ବିଭିନ୍ନ ମହଲରୁ ମତ ପ୍ରକାଶ ପାଉଛି ।

## ପାଲା ମାଧ୍ୟମରେ ସରକାରୀ ଯୋଜନା ସମ୍ପର୍କିତ ସଚେତନତା

ତିର୍ତ୍ତୋଲ, ୨।୨ (ଗୌରାଙ୍ଗ ଚରଣ ସ୍ୱାଇଁ)

ତିର୍ତ୍ତୋଲ ବ୍ଲକ ସାମନ୍ତରାପୁର, କୋଲର ପଞ୍ଚାୟତରେ ଶୁକ୍ରବାର ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ ପାଲା ଓ ଲୋକ କଳା ମାଧ୍ୟମରେ ସରକାରୀ ଯୋଜନା ସମ୍ପର୍କରେ ସଚେତନ କରାଯାଇଥିଲା । ସାମନ୍ତରାପୁର ପଞ୍ଚାୟତରେ ଅନୁଷ୍ଠିତ ସଭାରେ ସରପଞ୍ଚ ମଧୁସ୍ମିତା ବେହେରା ସଭାପତିତ୍ୱ କରିଥିଲେ । ଜଗତ୍‌ସିଂହପୁର ଜିଲା ପରିଷଦ ଉପାଧକ୍ଷା ସୁଜାତା ମହାନ୍ତି ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ । ମୁଖ୍ୟ ବକ୍ତାଭାବେ ବିଡିଓ ତପନ କୁମାର ସେନାପତି, ସମ୍ମାନିତ ଅତିଥିଭାବେ ତିର୍ତ୍ତୋଲ ବ୍ଲକ ଅଧକ୍ଷ ମନୋଜ କୁମାର ବେହେରା, ବ୍ଲକ ଉପାଧକ୍ଷା ସନ୍ଧ୍ୟାରାଣୀ ମହାନ୍ତି, ବ୍ଲକ ବିଜେଡି ସଭାପତି ଗଙ୍ଗାଧର ବିଶ୍ୱାଳ, ଜିଲାପରିଷଦ ସଭ୍ୟା ରଞ୍ଜିତା ସିଂ, ଅତିରିକ୍ତ ବିଡିଓ ସତ୍ୟଜିତ ସ୍ୱାଇଁ, ଜିପିଓ ବିଶ୍ୱଜିତ ଦାସ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମକୁ ସରସ ସୁନ୍ଦର କରିବା ପାଇଁ ନୃତ୍ୟ ସଙ୍ଗୀତ, ପାଲା ଆଦି ପରିବେଷଣ କରାଯାଇଥିଲା । କୋଲର ପଞ୍ଚାୟତରେ ସରପଞ୍ଚ ଉମେଶ ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଜଗତ୍‌ସିଂହପୁର ଜିଲାପରିଷଦ ଉପାଧକ୍ଷା ସୁଜାତା ମହାନ୍ତି ଯୋଗଦେଇଥିଲେ ।

## ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଉଦ୍‌ଯାପିତ

### କୋରୁଆ ଚିତ୍ରୋତ୍ପଳା ମହିଳା ବିଦ୍ୟାଳୟ

ପାଟକୁରା, ୨।୨ (ରବୀନ୍ଦ୍ର ନାଥ ବାରିକ)

ଗରଦପୁର ବ୍ଲକ ଚିତ୍ରୋତ୍ପଳା ଉଚ୍ଚ ମାଧ୍ୟମିକ ମହିଳା ବିଦ୍ୟାଳୟ କୋରୁଆଠାରେ ରାଜ୍ୟ ସରକାରଙ୍କ ପକ୍ଷରୁ ଚାଲିଥିବା ଯୁବ ଓଡ଼ିଶା ନବୀନ ଓଡ଼ିଶା ଯୋଜନାରେ କ୍ରୀଡା, ସାମାଜିକ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି । ବିଦ୍ୟାଳୟର ଅଧ୍ୟାପକ ତଥା ନୋଡାଲ ଅଫିସର ପରୀକ୍ଷିତ ନାୟକଙ୍କ ଅଧକ୍ଷତାରେ ପାଟକୁରା ବିଧାୟିକା ସାବିତ୍ରୀ ଅଗ୍ରୱାଲଙ୍କ ପ୍ରତିନିଧି ତଥା ବିଜେଡି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସଞ୍ଜୟ ଅଗ୍ରୱାଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟ ସରକାରଙ୍କ ନୂଆ-ଓ ବା ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋକପାତ କରିବା ସହ ଛାତ୍ରୀମାନେ କିପରି ନିଜର ଲୁକ୍କାୟିତ ପ୍ରତିଭାକୁ ବିକଶିତ କରିବାରେ ଏହି କାର୍ଯ୍ୟକ୍ରମ ନୂତନ ରାସ୍ତା ଦେଖାଇବ ବୋଲି କହିଥିଲେ । ତେବେ ଉକ୍ତ କାର୍ଯ୍ୟକ୍ରମ ଦ୍ୱାରା ଅନୁଷ୍ଠିତ କ୍ରୀଡ଼ା, ସାମାଜିକ ଓ ସାଂସ୍କୃତିକ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ମାନପତ୍ର ଓ ପୁରସ୍କାର ପ୍ରଦାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସମ୍ମାନନୀୟ ଅତିଥି ଭାବେ ବ୍ଲକ ଅଧକ୍ଷ ଅଭୟ ମହାରାଜ, ଆମ୍ବା ଅଧକ୍ଷ ବାସୁଦେବ ବେହେରା, ପୂର୍ବତନ ସରପଞ୍ଚ ସକୁନ୍ତଳା ବେହେରା ପ୍ରମୁଖ ଯୋଗ ଦେଇ ନିଜ ନିଜର ବକ୍ତବ୍ୟ ରଖିଥିଲେ । ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟର ଗୌରାଙ୍ଗ ରାଉତ, ପ୍ରଦୀପ କୁମାର ବରାଳ, ଅଧ୍ୟାପିକା ଅନୁରୋଧ ପରିଡ଼ା ଓ ଶୁଭଲକ୍ଷ୍ମୀ ମହାପାତ୍ର ପ୍ରମୁଖ ପରିଚାଳନା କରିଥିଲେ । ଅଧ୍ୟକ୍ଷା ସୁପ୍ରଭା ସାମଲ ସ୍ୱାଗତ ଭାଷଣ ଦେଇଥିଲେ ।

## ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତିର ମୂଳ ଆଧାର ଶ୍ରୀଜଗନ୍ନାଥ




ଉଦ୍‌ଯାପନୀ ଉତ୍ସବରେ ଯୋଗଦେଇଥିବା ଅତିଥିମାନେ ।

ମାର୍ଶାଘାଇ, ୨।୨ (ଶୁଭେନ୍ଦୁ ପ୍ରସାଦ ଚୌଧୁରୀ)

ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଆୟୋଜନ ଓ ଜଗନ୍ନାଥ ସଂସ୍କୃତିର ପ୍ରଚାର ପ୍ରସାର ପରିପ୍ରେକ୍ଷୀରେ ନୂଆ -ଓ କାର୍ଯ୍ୟକ୍ରମ ଅଧୀନରେ ମାର୍ଶାଘାଇ ମହାବିଦ୍ୟାଳୟର ଗାନ୍ଧୀ ଭବନରେ ନୂଆ -ଓ ଓଡ଼ିଆ ସାହିତ୍ୟ ପ୍ରତିଯୋଗିତାର ଉଦଯାପନୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି. ଜନଶ୍ରୁତି ଓ କିମ୍ବଦନ୍ତୀରେ ଶ୍ରୀ ଜଗନ୍ନାଥ ଆଲୋଚନା ଚକ୍ର ଅଧ୍ୟକ୍ଷ ପ୍ରଫେସର ପ୍ରଣୟ କୁମାର ପରିଜାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ମାନସ ଭୂଷଣ ପଣ୍ଡିତ, ହୃଷିକେଶ ରଥ, ମୁଖ୍ୟବକ୍ତା ଭାବେ ଡ.ନୀଳମଣି ଲେଙ୍କା. କାର୍ଯ୍ୟକ୍ରମର ମୁଖ୍ୟ ନୋଡାଲ ଅଧିକାରୀ ଡ. ପ୍ରଭାତ ରଞ୍ଜନ ଲେଙ୍କା ଯୋଗ ଦେଇ ଓଡ଼ିଆ ଭାଷା. ସଂସ୍କୃତି ଓ ସାହିତ୍ୟର ମୂଳ ଆଧାର ଶ୍ରୀଜଗନ୍ନାଥ. କୋଟି କୈବଲ୍ୟନାଥ, ଓଡ଼ିଶାର ରାଷ୍ଟ୍ର ଦେବତା ରହସ୍ୟମୟ ଶ୍ରୀ ଜଗନ୍ନାଥ ସମନ୍ୱୟ ଚେତନାର ପ୍ରତିଭୂ ବୋଲି କହିଥିଲେ । ନୋଡାଲ ଅଧିକାରୀ ଅଧ୍ୟାପକ ସୁକାନ୍ତ କୁମାର ପ୍ରଧାନ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଛାତ୍ରୀ ପ୍ରିୟଦର୍ଶିନୀ ଶତପଥୀ ଯୁଗେ ଯୁଗେ ଜଗନ୍ନାଥ ନୃତ୍ୟ ପରିବେଷଣ କରିଥିଲେ । ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ଓଡ଼ିଆ ପ୍ରବନ୍ଧ ଲିଖନ, ବକ୍ତୃତା,ସ୍ଲୋଗାନ ଲେଖା, ବ୍ୟାକରଣ ଦକ୍ଷତା, ହସ୍ତାକ୍ଷର, ଭଜନ ଗାନ, କୁଇଜ, ଲୋକ ନୃତ୍ୟ ପ୍ରତିଯୋଗିତାର ୪୮ଜଣ କୃତୀ ପ୍ରତିଯୋଗୀଙ୍କ ସମେତ ୨ଶହ ଛାତ୍ରୀଛାତ୍ରଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା । ଅଧ୍ୟାପକ ସୂର୍ଯ୍ୟକାନ୍ତ ଦାସ ଧନ୍ୟବାଦ ଅର୍ପଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପ୍ରାଧ୍ୟାପକ ବିଜୟ କୁମାର ପାତ୍ର, ସୁରେନ୍ଦ୍ର ନାଥ ପଣ୍ଡା, ଦୀପକ କୁମାର ଦାସ, ରବୀନ୍ଦ୍ର ପାତ୍ର ସଂଯୁକ୍ତା ଜେନା, ଅଧ୍ୟାପକ ମନୋଜ ରାଉତ, ଶାଶ୍ୱତ ଚନ୍ଦନ ସାମନ୍ତରାୟ, ଲଛମନ ବୈରାଗୀ, ଖଗେଶ୍ୱର ନାୟକ, ଉମେଶ ଦାସ. ପ୍ରଭାସିନୀ ସ୍ୱାଇଁ, ପ୍ରଗତି ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ ।

## ଶଙ୍ଖପଦାର ଶତାୟୁଙ୍କ ପରଲୋକ

ମହାକାଳପଡ଼ା, ୨।୨ (ପ୍ରତାପ ଚନ୍ଦ୍ର ସ୍ୱାଇଁ)

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ବିଜୟନଗର ପଞ୍ଚାୟତ ଶଙ୍ଖପଦା ଗ୍ରାମର ପଦନ ପ୍ରଧାନଙ୍କ ୧୦୧ ବର୍ଷ ବୟସରେ ଶୁକ୍ରବାର ପରଲୋକ ହୋଇଯାଇଛି । ସେ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ଥିଲେ । ସେ ଜଣେ ପରୋପକାରୀ , ଧର୍ମ ପରାୟଣ ଓ ସଫଳ ଚାଷୀ ଭାବେ ସେହି ଅଞ୍ଚଳରେ ପରିଚିତ । ସେ ବିଭିନ୍ନ ଅନୁଷ୍ଠାନ ସହିତ ଜଡିତ ଥିଲେ । ଗ୍ରାମ୍ୟ ଜୀବନରେ ଅଭାବ ଅସୁବିଧା ଥିଲେ ମଧ ସମାଜ ସେବା କ୍ଷେତ୍ରରେ ନିଜକୁ ଉତ୍ସର୍ଗ କରୁଥିଲେ । ଗ୍ରାମର ମୁଖିଆ ଭାବେ ଦୀର୍ଘ ବର୍ଷ ପର୍ଯ୍ୟନ୍ତ ସୁଚାରୁ ଭାବେ ଦାୟିତ୍ୱ ସମ୍ପାଦନ କରିଥିଲେ । ଗାଁ ଶ୍ମଶାନରେ ତାଙ୍କ ଶେଷକୃତ୍ୟ ଶେଷ ହୋଇଛି । ବଡ଼ ପୁଅ ନେତ୍ରାନନ୍ଦ ମୁଖାଗ୍ନୀ ଦେଇଥିଲେ । ତାଙ୍କ ପରଲୋକ ଖବର ଜଣାପଡ଼ିବା ପରେ ସ୍ଥାନୀୟ ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି ।

## ଆଳିରୁ ଶ୍ରୀକ୍ଷେତ୍ର ଗଲା ଗୁଆ, ଅକ୍ଷତ



ଆଳି, ୨।୨ (ବନମାଳୀ ସେନାପତି)

ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ନିମନ୍ତେ ପଞ୍ଚାୟତସ୍ତରରେ ଜଗନ୍ନାଥ ଅର୍ପଣ ରଥ ବୁଲିଥିଲା । ଆଳି ବ୍ଲକର ୩୪ଟି ପଞ୍ଚାୟତରେ ଏହି ଅର୍ପଣ ରଥ ବୁଲିଥିବା ବେଳେ ଶ୍ରଦ୍ଧାଳୁମାନେ ଅର୍ପଣ ରଥରେ ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ଅକ୍ଷତ, ଗୁଆ, ନଡ଼ିଆ ଓ ଅର୍ଥ ଦେଇଥିଲେ । ପରିକ୍ରମା ଲୋକାର୍ପଣ ହେବା ପରେ ବିଭିନ୍ନ ପଞ୍ଚାୟତରେ ଭକ୍ତମାନେ ଦେଇଥିବା ଅର୍ଥ ଶ୍ରୀମନ୍ଦିର କାର୍ଯ୍ୟାଳୟରେ ଜମା କରା ଯାଇଥିବା ବେଳେ ଶୁକ୍ରବାରଠାରୁ ଅକ୍ଷତ ଓ ଗୁଆ ଜମା କରାଯିବାକୁ ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ନାମା ଆସିଥିଲା । ଆଳି ବ୍ଲକର ୩୪ ପଞ୍ଚାୟତରୁ ଶ୍ରଦ୍ଧାଳୁମାନେ ଦେଇଥିବା ଅର୍ଥ ମଧ୍ୟରୁ ଗତ ଜାନୁୟାରୀ ୨୨ ତାରିଖରେ ୩ ଲକ୍ଷ ୬୯ ହଜାର ୫୦୦ ଟଙ୍କା ଜମା କରା ଯାଇଥିବା ବେଳେ ଶୁକ୍ରବାର ଦିନ ୨୨ ହଜାର ୨୧୦ ଟଙ୍କା ଜମା କରାଯାଇଛି । ଏଥି ସହିତ ୧୦୪.୦୩ କୁଇଣ୍ଟାଲ ଅକ୍ଷତ,ଗୁଆ ୫୬ କେଜି ୮୬୦ ଗ୍ରାମ ଶ୍ରୀ ମନ୍ଦିର କାର୍ଯ୍ୟାଳୟରେ ଜମା କରା ଯାଇଛି । ଶୁକ୍ରବାର ସକାଳେ ଆଳିର ଲକ୍ଷ୍ମୀବରାହ ଜୀଉ ମନ୍ଦିର ନିକଟରେ ଅକ୍ଷତ ଓ ଗୁଆ ବୋଝେଇ ଗାଡିକୁ ଦେମାଳ ପଞ୍ଚାୟତର ସରପଞ୍ଚ ରୀତାରାଣୀ ପରିଡାଙ୍କ ସମେତ ମିଶନ ଶକ୍ତିର ମହିଳା ମାନେ ବନ୍ଦାପନା କରିବା ପରେ ସଂକୀର୍ତ୍ତନ ମଣ୍ଡଳୀର ସଦସ୍ୟ ମାନେ କୀର୍ତ୍ତନ କରି ଗାଡିକୁ ଆଳି ବଜାର ପରିକ୍ରମା କରାଇବା ପରେ ଗାଡି ପୁରୀ ଅଭିମୁଖେ ଯାଇଥିଲା । ଆଳି ବ୍ଲକ ମିଶନଶକ୍ତି କର୍ମଚାରୀ ପ୍ରକାଶ ଦାସଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଏହି ଅକ୍ଷତ,ଗୁଆ ଓ ଅର୍ଥ ଶ୍ରୀ ମନ୍ଦିର କାର୍ଯ୍ୟାଳୟରେ ଜମା କରା ଯାଇଥିବା ନେଇ ବିଡ଼ିଓ ମିନତୀ ଜଗଦେବ ସୂଚନା ଦେଇଛନ୍ତି ।

## ଶିକ୍ଷା, ଶିକ୍ଷକ ନ ଥିଲେ ସମାଜ କୁପଥଗାମୀ ହୋଇଥାନ୍ତା

କୁଜଙ୍ଗ, ୨।୨ (ମନୋଜ ପ୍ରଧାନ)

କୁଜଙ୍ଗ ବ୍ଲକ ପୋତାନଇ ପଞ୍ଚାୟତ ଅନ୍ତର୍ଗତ ଚନ୍ଦାପାଟ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଓ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅମିୟ କୁମାର ଜେନାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥିଭାବେ ପୋତାନଇ ସରପଞ୍ଚ ବ୍ରଜକିଶୋର ମହାରାଜ, ମୁଖ୍ୟ ବକ୍ତାଭାବେ ସମିତି ସଭ୍ୟ ସତ୍ୟବାନ ମୁଦୁଲି, ସମ୍ମାନିତ ଅତିଥିଭାବେ ଗରେଇ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ରୁଦ୍ରପ୍ରସାଦ ନନ୍ଦ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଅଶୋକ ସ୍ୱାଇଁ, ଏରସମାର ଅତିରିକ୍ତ ମଣ୍ଡଳ ଶିକ୍ଷାଧିକାରୀ ଗୋପବନ୍ଧୁ ନାୟକ, ଶିକ୍ଷକ ନେତା ଅନାଦି ଚରଣ ଖଟୁଆ, ସଞ୍ଜୀବ ଦାସ, ଯୁଧିଷ୍ଠିର ନାୟକ, ସଂଜୟ କୁମାର ଦାସ ପ୍ରମୁଖ ଯୋଗଦେଇ ଶିକ୍ଷା, ଶିକ୍ଷକ ନ ଥିଲେ ସମାଜ କୁପଥଗାମୀ ହୋଇଥାନ୍ତା ବୋଲି ମତବ୍ୟକ୍ତ କରିଥିଲେ । ଏଥିସହ ଛାତ୍ରୀଛାତ୍ରମାନେ ମୋବାଇଲଠାରୁ ଦୂରରେ ରହିବାକୁ ପରମର୍ଶ ଦେଇଥିଲେ । ପ୍ରାରମ୍ଭରେ ବିଦ୍ୟାଳୟର ସହକାରୀ ଶିକ୍ଷକ ସୁବାସ ସେନାପତି ଅତିଥି ପରିଚୟ ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମରେ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ । ବିଦ୍ୟାଳୟ ପରିଚାଳନା କମିଟିର ଅଧକ୍ଷ ବିଶ୍ୱନାଥ ନାୟକଙ୍କ ସମେତ ସମସ୍ତ ପରିଚାଳନା କମିଟି ସଦସ୍ୟା ସଦସ୍ୟ ଉପସ୍ଥିତ ଥିଲେ । ସହକାରୀ ଶିକ୍ଷକ ପ୍ରଭାତ ବାହାଲିଆ ଧନ୍ୟବାଦ ଅର୍ପଣ କରିଥିଲେ ।

## ଡେରାବିଶ ପଞ୍ଚାୟତ ସମିତି ବୈଠକ

ଡେରାବିଶ, ୨।୨ (ବେବର୍ତ୍ତା ଅଜୟ ଦାସ)

କେନ୍ଦ୍ରାପଡ଼ା ଜିଲା ଡେରାବିଶ ପଞ୍ଚାୟତ ସମିତିର ବୈଠକ ଶୁକ୍ରବାର ପଞ୍ଚାୟତ ସମିତି ସଭାଗୃହରେ ଅନୁଷ୍ଠିତ ହୋଇଥିଲା । ପଞ୍ଚାୟତ ସମିତି ଅଧକ୍ଷା ପ୍ରଭାତି ମଲିକଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଜିଲା ପରିଷଦ ସଭାପତି ଗୀତାଞ୍ଜଳି ସେଠୀ, ପାଟକୁରା ବିଧାୟିକା ସାବିତ୍ରୀ ଅଗ୍ରୱାଲାଙ୍କ ପ୍ରତିନିଧି ସଞ୍ଜୟ ଅଗ୍ରୱାଲ, ଉପାଧକ୍ଷ ଦେବାଶିଷ ଆଚାର୍ଯ୍ୟ, ବିଡ଼ିଓ ଦାଶରଥି ଜେନା, ସହକାରୀ ନିର୍ବାହୀ ଯନ୍ତ୍ରୀ ଶୁଭଶ୍ରୀ ଦଲେଇ, ଏବିଡ଼ିଓ ଭଞ୍ଜ କିଶୋର ନାୟକ, ବ୍ଲକ ପଞ୍ଚାୟତ ଅଧିକାରୀ ନନ୍ଦିନୀ ଶତପଥୀ ପ୍ରମୁଖ ଯୋଗ ଦେଇଥିଲେ । ପ୍ରଥମେ ବିଡ଼ିଓ ଜେନା ବୈଠକ ସମ୍ପର୍କରେ ସୂଚନା ଦେଇଥିଲେ । କାର୍ଯ୍ୟସୂଚୀ ଅନୁଯାୟୀ ଗ୍ରାମ୍ୟ ଉନ୍ନୟନ ବିଭାଗ, ଜଳସମ୍ପଦ, ରାସ୍ତା ଓ ଗୃହ ନିର୍ମାଣ, ଆମ ଓଡ଼ିଶା ନବୀନ ଓଡ଼ିଶା, ସ୍ୱାସ୍ଥ୍ୟ ବିଭାଗ, ସମନ୍ୱିତ କୃଷି ବିଭାଗ, ଶିକ୍ଷା ବିଭାଗ, ପାନୀୟ ବିଭାଗ ସମ୍ପର୍କରେ ଆଲୋଚନା କରାଯାଇଥିଲା । ବୈଠକରେ ଉପସ୍ଥିତ ଥିବା ଜିଲା ପରିଷଦ ସଭ୍ୟ ଧନେଶ୍ୱର ସେଠୀ, ଅରବିନ୍ଦ ମଲିକ, ସିଡ଼ିପିଓ ସ୍ନେହଲତା ସାହୁ, ବ୍ଲକ କୃଷି ଅଧିକାରୀ ବନଲତା ବେହେରାଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଓ ବ୍ଲକ ଅଧୀନସ୍ଥ ୨୬ ପଞ୍ଚାୟତର ସରପଞ୍ଚ ଓ ସମିତି ସଭ୍ୟ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ ।

## ଅବଦୁଲ କରିମ୍ ଖାନ୍ ମେମୋରିଆଲ ଫୁଟ୍‌ବଲ: ଲେବର ସ୍ପୋର୍ଟିଂ ଚାମ୍ପିୟନ

କେନ୍ଦ୍ରାପଡ଼ା, ୨।୨ (ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ହାଇସ୍କୁଲ ପଡ଼ିଆରେ ଅବଦୁଲ କରିମ ଖାନ ମେମୋରିଆଲ ଫୁଟବଲ ଟୁର୍ଣ୍ଣାମେଣ୍ଟ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି । ଫକିରାବାଦସ୍ଥ ଲକି ସ୍ପୋର୍ଟି କ୍ଲବ ପକ୍ଷରୁ ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚରେ କେନ୍ଦ୍ରାପଡ଼ା ଜିଲାର ଲେବର ସ୍ପୋର୍ଟିଂ କ୍ଲବ ୨- ୧ ଗୋଲରେ କଟକର ଇଣ୍ଡିପେଣ୍ଡେନ୍ସ କ୍ଲବ୍‌କୁ ହରାଇ ଚାମ୍ପିୟନ ହୋଇଛି । ଏଥିପାଇଁ ଆୟୋଜକ କ୍ଲବର ସଭାପତି ସଲିମ ଖାନଙ୍କ ଅଧ୍ୟକ୍ଷତାରେ ଉଦ୍‌ଯାପନୀ ଓ ପୁରସ୍କାର ବିତରଣୀ ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ଅର୍ନ୍ତଜାତୀୟ ଦୌଡ ଖେଳାଳି ଦୁତି ଚାନ୍ଦ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ରାଜ୍ୟ ବିଜେଡି ସମ୍ପାଦକ ରଞ୍ଜିତ ସାହୁ, ଟାଉନ ଥାନାଧିକାରୀ ଦିଲୀପ କୁମାର ସାହୁ, ରିଜର୍ଭ ଇନ୍ସପେକ୍ଟର ପ୍ରଶାନ୍ତ ରଣସିଂ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ । ଅତିଥିମାନେ ବିଜୟୀ କ୍ଲବକୁ ଟ୍ରଫି ଓ ଦ୍ୱିତୀୟ ସ୍ଥାନରେ ଥିବା କ୍ଲବକୁ ରନର୍ସ ଅପ ଟ୍ରଫି ପ୍ରଦାନ କରିଥିଲେ । ସେହିପରି ଲେବର ସ୍ପୋର୍ଟିଂ କ୍ଲବ ଖେଳାଳୀ ବେନଙ୍କୁ ମ୍ୟାନ ଅଫ୍ ଦ ମ୍ୟାଚ ଓ ଖେଳାଳି ରିଚଙ୍କୁ ମ୍ୟାନ ଅଫ୍ ଦି ଟୁର୍ଣ୍ଣାମେଣ୍ଟ ଟ୍ରଫି ପ୍ରଦାନ କରାଯାଇଥିଲା । ଫାଇନାଲ ମ୍ୟାଚକୁ ରେଫରୀ ସୁଜିତ ଦାସ, ଲକ୍ଷ୍ମଣ ସୋରେନ, ସନ୍ଦୀପ ଦାସ, ଯୋଗୀ ପଲାଇ ଓ ସେକ ମୋକିମ ପରିଚାଳନା କରିଥିଲେ । ଏହି ଟୁର୍ଣ୍ଣାମେଣ୍ଟକୁ କ୍ଲବ କାର୍ଯ୍ୟକାରୀ ସଭାପତି ମହମ୍ମଦ ନିଆଜ ସହିତ କର୍ମକର୍ତ୍ତା ଓ ସଦସ୍ୟମାନେ ପରିଚାଳନା କରିଥିଲେ ।



ଅତିଥି ଚାମ୍ପିୟନ ଦଳର ଖେଳାଳିଙ୍କୁ ପୁରସ୍କୃତ କରୁଛନ୍ତି ।

## ଭାଷା ଆମର ପରିଚୟ

### ଓଡ଼ିଆ ଭାଷା ସାହିତ୍ୟ, ସଂସ୍କୃତିକୁ ନେଇ ଆଲୋଚନାଚକ୍ର



ଆଲୋଚନାଚକ୍ରରେ ଯୋଗଦେଇଥିବା ଅତିଥିମାନେ ।

ରଘୁନାଥପୁର, ୨।୨ (ରାଜେନ୍ଦ୍ର ନାରାୟଣ ସିଂହ)

ରଘୁନାଥପୁର ବ୍ଲକ ରେଡୁଆସ୍ଥିତ ବୃନ୍ଦାବନ ଚନ୍ଦ୍ର ମହାବିଦ୍ୟାଳୟରେ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତିର ସୁରକ୍ଷା ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ଅଧକ୍ଷ ସରୋଜ କୁମାର ପଣ୍ଡାଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ଆଲୋଚନା ଚକ୍ରରେ ବିଶିଷ୍ଟ ଶିକ୍ଷାବିତ ଅବସରପ୍ରାପ୍ତ ଅଧ୍ୟାପକ ଭଗବାନ ବିଶ୍ୱାଳ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ । ସେ ତାଙ୍କ ବକ୍ତବ୍ୟରେ ଭାଷା ଆମର ପରିଚୟ ଓ ଏହାର ସୁରକ୍ଷା ଦାୟିତ୍ୱ ଆମ୍ଭମାନଙ୍କର ବୋଲି ପ୍ରକାଶ କରିଥିଲେ । ଛାତ୍ରୀଛାତ୍ରମାନେ ଏବେଠୁ ଏଥିପାଇଁ ସଜାଗ ହୁଅନ୍ତୁ ବୋଲି ସେ ପରାମର୍ଶ ଦେଇଥିଲେ । ସେହିପରି ସାରସ୍ୱତ ସାହିତ୍ୟ ପରିଷଦର ସଭାପତି ତଥା ସ୍ତମ୍ଭକାର ହିମାଂଶୁ ଶେଖର ଆଚାର୍ଯ୍ୟ ମୁଖ୍ୟବକ୍ତା ଭାବେ ଭାଷା ସାହିତ୍ୟ ଓ ସଂସ୍କୃତି ଉପରେ ସାରଗର୍ଭକ ଅଭିମତ ରଖିଥିଲେ । ଅଧ୍ୟାପକ ପ୍ରତାପ ଲେଙ୍କା, ବଳରାମ ପାଳ, କେଦାର ମୁଦୁଲି, ହିମାଂଶୁ ଜେନା, ରଞ୍ଜନ ମହାନ୍ତି,ସରୋଜ ମିଶ୍ର, ମନୋଜ ଦାସ, ଆଲୋକ ପ୍ରଧାନ, ଅଧ୍ୟାପିକା ଯାଜ୍ଞସେନୀ ରାଉତ, ସ୍ୱାଗତିକା ଦାସ, ସୌମ୍ୟାଶ୍ରୀ ମହାନ୍ତି ଓ ସ୍ୱର୍ଣ୍ଣପ୍ରଭା ମଲ୍ଲିକ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ । କାର୍ଯ୍ୟକ୍ରମରେ ୨୫୦ ଛାତ୍ରୀଛାତ୍ର ଉପସ୍ଥିତ ଥିବାବେଳେ ସେମାନଙ୍କ ମଧ୍ୟରୁ ଅନେକ ସାହିତ୍ୟ ସଂସ୍କୃତି ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । ଅଧ୍ୟାପକ ଗଦାଧର ପାଣି ଅତିଥି ପରିଚୟ ସହ ସଭା ସଞ୍ଚାଳନ କରିଥିଲେ । ଅଧ୍ୟାପିକା ସ୍ମିତାରାଣୀ ପ୍ରଧାନ ଧନ୍ୟବାଦ ଦେଇଥିଲେ ।

**ସଂକ୍ଷେପରେ**

## ବିଜେଡିର ପରିବାର ସମ୍ପର୍କ ଅଭିଯାନ କାର୍ଯ୍ୟକ୍ରମ

ଫିରିଙ୍ଗିଆ, ୨।୨ (ବିକ୍ରମ ଦିଗାଲ)

ଶୁକ୍ରବାର ଫିରିଙ୍ଗିଆ ବ୍ଲକ ଫିରିଙ୍ଗିଆ ପଞ୍ଚାୟତରେ ଘରେ ଘରେ ଶଙ୍ଖ ଷ୍ଟିକର ପରିବାର ସମ୍ପର୍କ ଅଭିଯାନ ଆରମ୍ଭ ହୋଇଛି। ଏହି କାର୍ଯ୍ୟକ୍ରମରେ ଫିରିଙ୍ଗିଆ ବ୍ଲକ ବିଜେଡି ସଭାପତି ରୋଜକାନ୍ତ ମଲ୍ଲିକଙ୍କ ନେତୃତ୍ୱରେ ଏହି ଅଭିଯାନ କରାଯାଇଥିବା ବେଳେ ଫୁଲବାଣୀ ବିଧାୟକ ଅଙ୍ଗଦ କହଁର ମୁଖ୍ୟଅତିଥି ଭାବରେ ଯୋଗଦେଇ ଥିଲେ। ଏବଂ ବିଜେଡି ଯୁବ ସଭାପତି ବିଷ୍ଣୁ ଚରଣ ମଲ୍ଲିକଙ୍କ ସହିତ ବିଭିନ୍ନ ପଞ୍ଚାୟତର ସରପଞ୍ଚ ଲାଲ ମହୋନ କହଁର, ସର୍ଣ୍ଣଲତା ପ୍ରଧାନ, ରରଙ୍ଗ ସମିତି ସଭ୍ୟ ବିରଞ୍ଚି ମଲ୍ଲିକଙ୍କ ସହିତ ବିଜେଡି କର୍ମୀ ନିର୍ମଳ ନାୟକ, ଦିଲୀପ କୁମାର ନାୟକ ଓ ବାମ ଦେବ କହଁର ଉପସ୍ଥିତ ଥିଲେ।

## ଶିକ୍ଷା ପୁରସ୍କାର ସମ୍ବର୍ଦ୍ଧନା ସଭା

ଚାନ୍ଦିପୁଟ, ୨।୨ (କେ ପ୍ରମୋଦ କୁମାର ଦୋରା)

ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଚାନ୍ଦିପୁଟ ଠାରେ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ମୋହନା ବିଇଓ ନରେନ୍ଦ୍ର କୁମାର ଯୋଗ ଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ଡିଆଇଇଟି ପ୍ରିନ୍ସପାଲ ଡାକ୍ତର ମୁର୍ମୁ, ସମ୍ମାନିତ ଅତିଥି ପ୍ରଦୀପ କୁମାର ଜେନା, ସିନିୟର ଟିଚର ଏଜୁକେଟର ପ୍ରତାପ ଚନ୍ଦ୍ର ଜେନା, ସମ୍ବର୍ଦ୍ଧିତ ଅତିଥି ସିଆର୍‌ସିସି ଜିତେନ୍ଦ୍ର କୁମାର ପ୍ରଧାନ, ପ୍ରଧାନ ଶିକ୍ଷକ ବଳରାମ ବଡରଇତ, ଶିକ୍ଷୟିତ୍ରୀ ଆଭାଲିନ ପରିଡ଼ାଙ୍କ ସମେତ ଏବିଇଓ କୁନା ପାତ୍ର ଓ ବ୍ଲକ୍ ଶିକ୍ଷାଧିକାରୀ ଓ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ନିମନ୍ତେ ବେଷ୍ଟ ସିଆର୍‌ସିସି ଆୱାର୍ଡ ଜିତେନ୍ଦ୍ର କୁମାର ପ୍ରଧାନ, ବେଷ୍ଟ ସ୍କୁଲ୍ ଆୱାର୍ଡ ୟୁ ପିଏସ ଚାନ୍ଦିପୁଟ ଶିକ୍ଷୟିତ୍ରୀ ଆଭାଲିନ ପରିଡ଼ା, ବେଷ୍ଟ ପ୍ରଧାନ ଶିକ୍ଷକ ଆୱାର୍ଡ଼ ବଳରାମ ବଡରଇତଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ସିଆର୍‌ସିସି ଭୈରବ ପ୍ରସାଦ ପରିଚାଳନା କରିଥିବା ବେଳେ ବିଦ୍ୟାଳୟର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ।

## ବାଲିଗୁଡ଼ା ଉପଜିଲାପାଳଙ୍କ ଉନ୍ନୟନ ପ୍ରକଳ୍ପ ପରିଦର୍ଶନ

ଦାରିଙ୍ଗବାଡି, ୨।୨ (ଅରୁଣ ସାହୁ)

ବାଲିଗୁଡ଼ା କାର୍ଯ୍ୟାଳୟରେ ନବନିଯୁକ୍ତ ଉପ ଜିଲାପାଳ ଡ. ରୀନା ପ୍ରଧାନ ଶୁକ୍ରବାର ଦାରିଙ୍ଗବାଡି ଗସ୍ତ କରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରିଛନ୍ତି। ସ୍ୱାସ୍ଥ୍ୟକେନ୍ଦ୍ରରେ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ସମ୍ପର୍କରେ ରୋଗୀ ଓ ତାଙ୍କ ସମ୍ପର୍କୀୟଙ୍କ ସହ ଆଲୋଚନା କରିବା ସହ ସ୍ୱାସ୍ଥ୍ୟକେନ୍ଦ୍ରର ରୂପାନ୍ତର କାର୍ଯ୍ୟକୁ ବୁଲିଦେଖିବା ସହ କାର୍ଯ୍ୟ ଶୀଘ୍ର ଶେଷ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଡ. ଆମ୍ବେଦକର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଚାଲିଥିବା ରୂପାନ୍ତର କାର୍ଯ୍ୟ ପରିଦର୍ଶନ କରିଛନ୍ତି। ଆସନ୍ତା ସାଧାରଣ ନିର୍ବାଚନ ପାଇଁ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଯାଇଥିବା ବେଳେ ଯେଉଁ ସବୁ ବିଦ୍ୟାଳୟରେ ବୁଥ୍ କରାଯିବାକୁ ଯୋଜନା କରାଯାଇଛି ସେଗୁଡିକ ମଧ୍ୟରୁ ଡବେରୀ ସେବାଶ୍ରମ, ବୁର୍ଜୁବାଡି ବିଦ୍ୟାଳୟକୁ ଯାଇ ବୁଲି ସେଠାକାର ପରିସ୍ଥିତି ଓ ମତଦାତାଙ୍କ ସୁବିଧା ଆଦି ଦେଖିଥିଲେ । ପରେ ଦାରିଙ୍ଗବାଡି ଅଞ୍ଚଳରେ ହୋଇଥିବା ଷ୍ଟ୍ରବେରୀ ଚାଷ ଜମିକୁ ବୁଲିଏହିଚାଷ କରୁଥିବା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ସହ ଆଲୋଚନା କରିଥିଲେ। ତାଙ୍କ ସହ ସ୍ଥାନୀୟ ବିଡିଓ ଗଦାଧର ପାତ୍ର, ସହକାରୀ ନିର୍ବାହୀ ଯନ୍ତ୍ରୀ ଶିଶିର ପାତ୍ର ଓ ଅନ୍ୟ ଅଧିକାରୀ ଉପସ୍ଥିତ ଥିଲେ।

# ୪ ବର୍ଷ ପରେ ମୁଖ୍ୟ ଅଭିଯୁକ୍ତ ଗିରଫ

### ପ୍ରେମିକ ସହ ମିଶି ସ୍ୱାମୀଙ୍କୁ ହତ୍ୟା ଘଟଣା

ମୋହନା, ୨।୨ (ମନ୍ମଥ ନାଥ ମିଶ୍ର):



ପରକୀୟା ପ୍ରୀତିକୁ କେନ୍ଦ୍ରକରି ପ୍ରେମିକ ସହ ମିଶି ନିଜ ସ୍ୱାମୀଙ୍କୁ ହତ୍ୟା କରି ଫିଙ୍ଗି ଦେବା ଘଟଣାରେ ମୁଖ୍ୟ ଅଭିଯୁକ୍ତଙ୍କୁ ଅଡ଼ବା ପୋଲିସ ୪ବର୍ଷ ପରେ ଗିରଫ କରିଛି। ଅଭିଯୁକ୍ତ ଜଣକ ହେଲେ ପୁରୀ ଜିଲା ପିପିଲି ଥାନା ଅନ୍ତର୍ଗତ ବାଗେଶ୍ୱରପୁର ଗାଁର ବିଜୟ ସାମନ୍ତରା। ୨୦୨୦ ଜାନୁୟାରୀ ୧ରେ ଘଟିଥିଲା ଏହି ହତ୍ୟାକାଣ୍ଡ।

ସୂନାଯୋଗ୍ୟ, ରାୟଗଡ଼ା ଜିଲା ମୁନିଗୁଡ଼ା ବ୍ଲକ ଅଫିସର ଡ୍ରାଇଭର ଭାବେ କାର୍ଯ୍ୟ କରୁଥିଲେ ଯୁବରାଜ ଚାନ୍ଦି। ବଗେଶ୍ୱରପୁର ଗ୍ରାମର ବିଜୟ ମୁନିଗୁଡାରେ ରହି ଫଳ ବ୍ୟବସାୟ କରୁଥିଲେ। ଏହି ସୟରେ ଯୁବରାଜଙ୍କ ପତ୍ନୀ ନିବେଦିତାଙ୍କ ସହିତ ବିଜୟଙ୍କ ପ୍ରେମ ସମ୍ପର୍କ ଗଢି ଉଠିଥିଲା। ହେଲେ ଏଥିରେ ସ୍ୱାମୀ କଣ୍ଟା ସାଜୁଥିଲେ। ତେଣୁ ସ୍ୱାମୀ ଯୁବରାଜଙ୍କୁ ହଟାଇବା ପାଇଁ ସ୍ତ୍ରୀ ନିବେଦିତା ଓ ପ୍ରେମିକ ବିଜୟ ମିଶି ଯୋଜନା କରିଥିଲେ। ଜଣେ ସୁପାରିକିଲରଙ୍କୁ ୩୦ ହଜାର ଟଙ୍କା ଦେଇ ଜାନୁୟାରୀ ୧ରେ ଘରେ ହତ୍ୟା କରି ମୃତଦେହକୁ ଏକ ବେଡସିଟରେ ଗୁଡ଼ାଇ ଅଡ଼ବା ଥାନା ନିକଟରେ ଫିଙ୍ଗି ଦେଇଥିଲେ। ପୋଲିସ ରକ୍ତ ଜୁଡୁବୁଡୁ ମୃତଦେହ ଜବତ କରି ତଦନ୍ତ ଆରମ୍ଭ କରିଥିଲା। ସ୍ତ୍ରୀ ନିବେଦିତା ଓ ଦୁଇ ସହଯୋଗୀ ଗଞ୍ଜାମ ଜିଲା ହିଞ୍ଜିଳି ଥାନା ଖରିଡ଼ା ଗ୍ରାମର ପ୍ରମୋଦ କୁମାର ବେହେରା, ଆସ୍କା ଥାନା ଖଣଭାଗ ଗ୍ରାମର ଅନିଲ କୁମାର୍ ବେହେରାଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ସେହିଦିନଠାରୁ ମୁଖ୍ୟ ଅଭିଯୁକ୍ତ ବିଜୟ ତାମିଲନାଡୁ ପଳାଇ ଯାଇଥିଲେ। ନିକଟରେ ବିଜୟ ଗ୍ରାମକୁ ଆସିଥିବା ଖବର ପାଇ ଅଡ଼ବା ପୋଲିସର ଏକ ଟିମ ଶୁକ୍ରବାର ବାଗେଶ୍ୱରପୁର ଗାଁରୁ ବିଜୟଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

## ମହିଳା ସ୍ନାତକ ମହାବିଦ୍ୟାଳୟର ନୂତନ କୋଠା ନିର୍ମାଣ ପାଇଁ ଭୂମିପୂଜା



ଭୂମିପୂଜା କରାଯାଉଛି।

ପାରଳାଖେମୁଣ୍ଡି, ୨।୨ (ଗିରିଧାରୀ ପରିଛା):

ସ୍ଥାନୀୟ ମହିଳା ସ୍ନାତକ ମହାବିଦ୍ୟାଳୟର ନୂତନ କୋଠା ନିର୍ମାଣ ନିମନ୍ତେ ଶୁକ୍ରବାର ଭୂମିପୂଜନ କାର୍ଯ୍ୟକ୍ରମ ବିଧାୟକ କେ. ନାରାୟଣ ରାଓଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ପରିଚାଳନା କମିଟି ସଭାପତି ପ୍ରଫେସର ନାସିର ବେଗ, ଅଧ୍ୟକ୍ଷା ଡ଼ଃ ରୀନା ସାହୁ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ ପ୍ରଦାନ କରିଥିଲେ। ଏହି ନୂତନ କୋଠା ନିର୍ମାଣ ନିମନ୍ତେ ବିଧାୟକ ନିଜସ୍ୱ ପାଣ୍ଠିରୁ ୫ଲକ୍ଷ ଟଙ୍କା ଅନୁଦାନ ରାଶି ପ୍ରଦାନ କରିଥିବାରୁ କୃତଜ୍ଞତା ଜ୍ଞାପନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ସମସ୍ତ ଛାତ୍ରୀ, ଅଧ୍ୟାପିକା, ଅଧ୍ୟାପକ ତଥା କର୍ମଚାରୀ ଉପସ୍ଥିତ ଥିଲେ।

# ଶିଶୁ ସୁରକ୍ଷା ଉପରେ ସ୍ୱେଚ୍ଛାସେବୀଙ୍କୁ ପ୍ରଶିକ୍ଷଣ

ପାରଳାଖେମୁଣ୍ଡି, ୨।୨ (ଗିରିଧାରୀ ପରିଛା):




ପ୍ରଶିକ୍ଷଣ ଶିବିରରେ ଶିଶୁ ସୁରକ୍ଷା ଉପରେ ଆଲୋଚନା କରାଯାଉଛି।

କାଶୀନଗରଠାରେ ଥିବା ଶ୍ରୀରାମ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସ୍ୱେଚ୍ଛାସେବୀମାନଙ୍କୁ ନେଇ ଜିଲାର ସ୍ୱତନ୍ତ୍ର କାର୍ଯ୍ୟକ୍ରମ ପ୍ରତିଜ୍ଞା ଉପରେ ଏକ ଦିବସୀୟ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଜ୍ଞାମାନେ ସୁରକ୍ଷା ଆବଶ୍ୟକ କରୁଥିବା ଝିଅମାନଙ୍କୁ ଶିଶୁ ସୁରକ୍ଷାର ବିଭିନ୍ନ ଦିଗ ଉପରେ ସୂଚନା ଦେଇ ସଶକ୍ତ କରିବା ଏବଂ ସେମାନଙ୍କ ନେତୃତ୍ୱରେ ବିଭିନ୍ନ ସୂଚନା ଜିଲା ପ୍ରଶାସନ ପାଖରେ ପହଞ୍ଚାଇବା। ଏହି କାର୍ଯ୍ୟକ୍ରମକୁ କଲେଜର ଅଧ୍ୟକ୍ଷ ନବକୃଷ୍ଣ ସାହୁକାର ଉଦଘାଟନ କରିଥିବା ବେଳେ ବିଦ୍ୟାଳୟର ଏନଏସଏସ ଓ ୟୁଥ୍ ରେଡକ୍ରସର ପ୍ରାୟ ୧୪୦ରୁ ଊର୍ଦ୍ଧ୍ୱ ସ୍ୱେଚ୍ଛାସେବୀ ଯୋଗଦାନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଜିଲା ଶିଶୁ ସୁରକ୍ଷା ୟୁନିଟର ଆଇନ ପର୍ଯ୍ୟବେକ୍ଷଣ ଅଧିକାରୀ ଜୟ ପ୍ରକାଶ ବାଡତିଆ ଯୋଗଦେଇ ଶିଶୁ ସୁରକ୍ଷା ଉପରେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କର ବିଭିନ୍ନ ଯୋଜନା ଯଥା ଆଶୀର୍ବାଦ, ବିଜୁ ଶିଶୁ ସୁରକ୍ଷା ଯୋଜନା, ଗ୍ରୀନ ପ୍ୟାସେଜ ଏବଂ ପୃଷ୍ଠପୋଷକତା ସହାୟତା ଉପରେ ଅବଗତ କରାଇଥିଲେ। ଏହି କାର୍ଯ୍ୟକ୍ରମରେ ସହଯୋଗୀ ଭାବରେ ସିସିଡ଼ି ସ୍ୱେଚ୍ଛାସେବୀ ଅନୁଷ୍ଠାନର ଜିଲା ସଂଯୋଜକ ବିଜୟ କେଶରୀ ପ୍ରଧାନ ଯୋଗଦେଇ ବାଲ୍ୟବିବାହର ଅପକାରିତା ଉପରେ ଆଲୋଚନା କରିବା ସହ ବାଲ୍ୟବିବାହ ନ କରିବା ପାଇଁ ସ୍ୱେଚ୍ଛାସେବୀ ଓ ଉପସ୍ଥିତ ସଦସ୍ୟଙ୍କ ଦ୍ୱାରା ଶପଥ ପାଠ କରାଇଥିଲେ।

## ପାରମ୍ପରିକ ପଦ୍ଧତିରେ ତିଆରି ଜଡ଼ା ତେଲ ଚାହିଦା ଅଧିକ

ଫିରିଙ୍ଗିଆ, ୨।୨ (ବିକ୍ରମ ଦିଗାଲ):

ଫିରିଙ୍ଗିଆ ବ୍ଲକ ଏକ ଆଦିବାସୀ ବହୁଳ ବ୍ଲକ ଭାବେ ପରିଚିତ।ଏହି ବ୍ଲକରେ ବସବାସ କରୁଥିବା ଆଦିବାସୀ ମହିଳା ଓ ପୁରୁଷ ମାନେ ବର୍ଷ ତମାମ ବିଭିନ୍ନ କାମରେ ନିଜକୁ ନିୟୋଜିତ କରି ଅର୍ଥ ରୋଜଗାର କରିଥାନ୍ତି। ବିଶେଷ କରି ଗ୍ରାମାଞ୍ଚଳରେ ପାରମ୍ପରିକ ପଦ୍ଧତିରେ ତିଆରି ଜଡ଼ା ତେଲ ଚାହିଦା ଅଧିକ ଦେଖିବାକୁ ମିଳିଛି। ପାରମ୍ପରିକ ପଦ୍ଧତିରେ ଜଡ଼ା ତେଲ ତିଆରି କରିବା ପାଇଁ ପ୍ରଥମେ ବଜାରରୁ ଜଡ଼ା ମଞ୍ଜି କିଣିବା ପାଇଁ ପଡିଥାଏ। ପରେ ସେହି ମଞ୍ଜି ଗୁଡିକୁ ଖରାରେ ଶୁଖାଇ କୁଟନିରେ କୁଟିବା ପରେ ପାଣିରେ ଫୁଟାଇ ଦିଆଯାଏ। କିଛି ଘଣ୍ଟା ଫୁଟିବା ପରେ ପାଣିଠାରୁ ତେଲ ଅଲଗା ହୋଇଯାଏ। ପାଣି ଥଣ୍ଡା ହେବା ପରେ ହାତରେ ତେଲକୁ ଅନ୍ୟ ଏକ ପତ୍ରରେ ବାହାର କରାଯାଏ। ପୁଣି ସେହି ତେଲର ପାଣି ଅଂଶ ଶୁଖିବା ପାଇଁ ନିଆଁରେ ଅଳ୍ପ ସମୟ ଫୁଟାଯାଇ ତେଲ ପ୍ରସ୍ତୁତ ହୋଇଯାଏ। ତେବେ ଯେଉଁ ପରିବାରର ଲୋକେ ଜଡ଼ା ତେଲ ପାରମ୍ପରିକ ପଦ୍ଧତିରେ ତିଆରି କରୁଛନ୍ତି ସେମାନଙ୍କ ନିକଟରେ ସ୍ଥାନ ଓ ଅର୍ଥ ଅଭାବ ଯୋଗୁ ଜଡ଼ା ଗଛ ଲଗାଇ ନପାରି ବଜାରରୁ ଜଡ଼ା ମଞ୍ଜି କିଣି ନେଇ ତିଆରି କରୁଛନ୍ତି। ସେହିପରି ଜଡ଼ା ତେଲ ବଜାର ବିକିବା ସହିତ ଆଖପାଖ ଅଞ୍ଚଳରେ ତେଲ ଖୁଚୁରା ଦରରେ ବିକ୍ରି କରୁଛନ୍ତି। ପ୍ରଶାସନ ପକ୍ଷରୁ ସୁବିଧା ସହଯୋଗ ମିଳିଲେ ଅଧିକ ଲୋକ ଏହି ବ୍ୟବସାୟ କରିବେ ବୋଲି ତେଲ ବିକ୍ରି କରୁଥିବା ମହିଳାମାନେ କହିଛନ୍ତି। ପାରମ୍ପରିକ ପଦ୍ଧତିରେ ତିଆରି କରାଯାଇଥିବା ଅସଲି ଜଡ଼ା ତେଲ ଲୋକଙ୍କ ଦୈନନ୍ଦିନ ଜୀବନରେ ବିଭିନ୍ନ କାମରେ ଆସିଥାଏ। କନ୍ଧମାଳ ଜିଲା ଏକ ଆଦିବାସୀ ଅଞ୍ଚଳ ହୋଇଥିବାରୁ ବାହାଘର ସମୟରେ ଜଡ଼ାତେଲର ଅଧିକ ଆବଶକ ହୋଇଥାଏ।

## ସୂଚନା ଅଧିକାର ଆଇନ ସମ୍ପର୍କିତ କର୍ମଶାଳା

ପାରଳାଖେମୁଣ୍ଡି, ୨।୨ (ଗିରିଧାରୀ ପରିଛା):

ଓଡ଼ିଶା ସରକାରଙ୍କ ସୂଚନା ଓ ଲୋକ ସମ୍ପର୍କ ବିଭାଗର ନିର୍ଦ୍ଦେଶ ଅନୁସାରେ ଜିଲାର ବିଭିନ୍ନ କାର୍ଯ୍ୟାଳୟ ପାଇଁ ନିୟୋଜିତ ପ୍ରଥମ ଅପିଲ କର୍ତ୍ତୃପକ୍ଷ ଓ ଜନ ସୂଚନା ଅଧିକାରୀମାନଙ୍କ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି । ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରଦୀପ୍ତ ଗୁରୁମାଇଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସମୁଦାୟ ୮୧ଜଣ ପ୍ରଶିକ୍ଷାର୍ଥୀ ଅଂଶଗ୍ରହଣ କରିଥିଲେ। ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡ.ପ୍ରଦୀପ କୁମାର ପାତ୍ର, ଡ.ମହମ୍ମଦ ଅଲ୍ଲୀ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ସନ୍ତୋଷ କୁମାର ନାୟକ, ଜିଲା ମଙ୍ଗଳ ଅଧିକାରୀ ମମତାରାଣୀ ପରିଡ଼ା ପ୍ରମୁଖଙ୍କ ସହ ବିଭିନ୍ନ କାର୍ଯ୍ୟାଳୟ ସମ୍ପୃକ୍ତ ଜନ ସୂଚନା ଅଧିକାରୀ ଓ ପ୍ରଥମ ଅପିଲ କର୍ତ୍ତୃପକ୍ଷମାନେ ପ୍ରଶିକ୍ଷଣ ଶିବିରରେ ଯୋଗ ଦେଇଥିଲେ। ବିଶେଷ କରି ସୂଚନା ଅଧିକାରୀ ନିୟମର ୧୭ଟି ପଏଣ୍ଟକୁ ପ୍ରୋଆକ୍ଟିଭ ଡିସ୍କୋଜନର ଓ ମ୍ୟାନେଜ ପ୍ରୋଫାଇଲ ଅପଡେଟ କରଯିବା ସମ୍ବନ୍ଧରେ ତାଲିମ ପ୍ରଦାନ କରଯାଇଥିଲା। ରାଜ୍ୟ ସୂଚନା ଓ ଲୋକସମ୍ପର୍କ ବିଭାଗର ସମ୍ପୃକ୍ତ ବିଭାଗୀୟ ଅଧିକାରୀ ହର୍ଷ ପରିଛା ଆଭାସି ଜରିଆରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ।

# ପଞ୍ଚାୟତସ୍ତରୀୟ ସଚେତନତା

ମୋହନା, ୨।୨ (ମନ୍ମଥ ମିଶ୍ର):



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ।

ମୋହନା ବ୍ଲକ ସଦର ଅନ୍ତର୍ଗତ ମୋହନା ଗ୍ରାମ ପଞ୍ଚାୟତରେ ଆମ ଓଡ଼ିଶା ନବୀନ ଓଡ଼ିଶା ଆନୁକୂଲ୍ୟରେ ପଞ୍ଚାୟତସ୍ତରୀୟ ସଚେତନତା ଶିବିର ସ୍ଥାନୀୟ ସରକାରୀ ହାଇସ୍କୁଲ ଖେଳ ପଡିଆଠାରେ ଅନୁଷ୍ଠିତ ହୋଇଥିଲା। ଏହି ସଚେତନତା ଶିବିରରେ ଜିଲା ବିଜେଡି ସଭାପତି ଜଗବନ୍ଧୁ ଦାସ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ବ୍ଲକ ଅଧ୍ୟକ୍ଷ ରଞ୍ଜୀବ ଶବର, ସରପଞ୍ଚ ସୁନୀତା ମଲ୍ଲିକ, ସମିତିସଭ୍ୟ ବାଳକୃଷ୍ଣ ମଲ୍ଲିକ, ଜିଲା ପରିଷଦ ସଭ୍ୟ ଚନ୍ଦ୍ର କୁମାର ମଲ୍ଲିକ, ବଡ଼ଖଣି ସରପଞ୍ଚ, କର୍ଚବାଡି ସମିତି ସଭ୍ୟଙ୍କ ସମେତ ଖାରିଗୁଡା ପଞ୍ଚାୟତ ସମିତି ସଭ୍ୟ ଏବଂ ମୋହନା ଗ୍ରାମ ମୁଖିଆ ପ୍ରତାପ ଚନ୍ଦ୍ର ପାତ୍ର ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ। ବ୍ଲକ ଅଧ୍ୟକ୍ଷ ରଞ୍ଜୀବ ଶବର ଏବଂ ଜିଲା ବିଜେଡି ସଭାପତି ଜଗବନ୍ଧୁ ଦାସ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ଗୁଡିକ ସମ୍ପର୍କରେ ବୁଝାଇଥିଲେ।

## ସଂକୀର୍ତ୍ତନ ମାଧ୍ୟମରେ ସଚେତନତା




ରାମଗିରି, ୨।୨ (ବୃନ୍ଦାବନ ଗୌଡ଼):

ଆର.ଉଦୟଗିରି ବ୍ଲକ ରାମଗିରି ପଞ୍ଚାୟତସ୍ଥିତ ଗୌଡ଼ସାହିର ରାଧାକୃଷ୍ଣ ନାମ ସଂକୀର୍ତ୍ତନ ମଣ୍ଡଳୀ ପକ୍ଷରୁ ରାମଗିରିର ପ୍ରତ୍ୟେକ ୱାର୍ଡର ସମସ୍ତ ସାହି ପରିକ୍ରମା କରି ରାଜ୍ୟ ସରକାରଙ୍କ ବିଭିନ୍ନ କାର୍ଯ୍ୟକ୍ରମ ଏବଂ ଯୋଜନା ସମ୍ପର୍କରେ ସଚେତନ କରାଯାଉଛି। ଉକ୍ତ କାର୍ଯ୍ୟକ୍ରମକୁ ବିଷ୍ଣୁ ନାଥ ଗୌଡ଼, ବାୟାଧର ଗୌଡ଼, ପ୍ରଫୁଲ୍ଲ ଚୌଧୁରୀ, ନକୁଳ ଗୌଡ଼ ଓ ଆନନ୍ଦ ଗୌଡ଼ ପ୍ରମୁଖ ପରିଚାଳନା କରିଥିଲେ।

## ସଲପଯୋଡ଼ି ଆଶ୍ରମ ବିଦ୍ୟାଳୟରେ ବାର୍ଷିକ ଉତ୍ସବ

କ.ନୂଆଗାଁ, ୨।୨ (କାଳି ପ୍ରସାଦ ତ୍ରିପାଠୀ)

କନ୍ଧମାଳ ଜିଲା ନୂଆଗାଁ ବ୍ଲକ ଗୁଞ୍ଜିବାଡ଼ି ପଞ୍ଚାୟତର ସଲପଯୋଡ଼ି ଆଶ୍ରମ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ କନକ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବାର୍ଷିକ ଉତ୍ସବରେ ସମ୍ମାନିତ ଅତିଥି ଭାବେ ଗୁଞ୍ଜିବାଡି ସରପଞ୍ଚ ରୁକୁଣୀ ପ୍ରଧାନ, ମୁଖ୍ୟ ଅତିଥି ଜିଲା ବିଜେଡି ସମ୍ପାଦକ ବାସୁଦେବ ପଣ୍ଡା, ମୁଖ୍ୟ ବକ୍ତା ସୁଶାନ୍ତ କୁମାର ସାହୁ ଭାବେ ଯୋଗ ଦେଇ ଶିକ୍ଷାର ଗୁଣାତ୍ମକ ଶିକ୍ଷାର ବିକାଶ ଦିଗରେ ଗୁରୁତ୍ୱାରୋପ କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତି ପ୍ରତିଯୋଗୀ ମାନଙ୍କୁ ଅତିଥି ମାନଙ୍କ ଦାରା ପୁରସ୍କୃତ କରାଯାଇ ଥିଲା।ପରେ ଛାତ୍ରଛାତ୍ରୀ ମାନେ ସାଂସ୍କୃତିକ କାର୍ଯ୍ୟକ୍ରମ କରିଥିଲେ। ଶିକ୍ଷକ ଜ୍ୟୋତି ରଞ୍ଜନ ବେହେରା ଧନ୍ୟ ବାଦ ଅର୍ପଣ କରିଥିଲେ।

## ଏସ୍‌ଏଚ୍‌ଜି ମହିଳାଙ୍କ କବିତା ପାଠୋତ୍ସବ

ଫୁଲବାଣୀ, ୨।୨ (ରାକେଶ କୁମାର ରାଉତ)

ଚଳିତ ବର୍ଷ ଫେବୃଆରୀ ୩ ତାରିଖରୁ ୫ ତାରିଖ ପର୍ଯ୍ୟନ୍ତ ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଅନୁଷ୍ଠିତ ହେବ। ଓଡ଼ିଆ ଭାଷା, ସଂସ୍କୃତିର ଐତିହ୍ୟକୁ ପାଳନ କରିବା ଉଦ୍ଦେଶ୍ୟରେ ସେହି ଦିନ ବନ୍ଦେ ଉତ୍କଳ ଜନନୀ ସଙ୍ଗୀତ ଗାନ କରାଯିବ। ଏହାକୁ ଦୃଷ୍ଟିରେ ରଖି ମିଶନ ଶକ୍ତି ବିଭାଗ ଓ କନ୍ଧମାଳ ଜିଲା ପ୍ରଶାସନର ମିଳିତ ଆନୁକୁଲ୍ୟରେ ଶୁକ୍ରବାର ସ୍ଥାନୀୟ ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲା ସ୍ତରୀୟ ମିଶନ ଶକ୍ତି ଓଡ଼ିଆ କବି ସମ୍ମିଳନୀ ଅନୁଷ୍ଠିତ ହୋଇଛି। ଏଥିରେ ୧୯ ଜଣ ମିଶନ ଶକ୍ତି ସଦସ୍ୟା କବିତା ପାଠ କରିଥଲେ। ସେମାନଙ୍କୁ ଅତିଥିମାନଙ୍କ ଦ୍ୱାରା ଉତ୍ତରୀୟ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ସୁରଭୀ ସ୍ୱୟଂ ସହାୟକ ଗୋଷ୍ଠୀର ବିଦ୍ୟୁଲତା ବେହେରା, ଝାନ୍ସୀରାଣୀ ଏସ୍‌ଏଚ୍‌ଜିର ଆରତୀ ପରିଛା ଓ ହଳଦିଆସିନି ଏସ୍‌ଏଚ୍‌ଜିର ପ୍ରତିମା ନାୟକ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ। କାର୍ଯ୍ୟକ୍ରମରେ ଜିଲା ସମାଜ ମଙ୍ଗଳ ଅଧିକାରୀ ସରୋଜବାଳା ଆଚାର୍ଯ୍ୟ, ମିଶନ ଶକ୍ତି ଜିଲା ପ୍ରକଳ୍ପ ସଂଯୋଜକ ସୁନୀଲ କୁମାର ମଲ୍ଲିକ, ଜୀବିକା ମିଶନ ଜିଲ୍ଲା ପ୍ରକଳ୍ପ ପରିଚାଳକ ସନ୍ତୋଷ କୁମାର ରଥ, ସହକାରୀ ପ୍ରଫେସର ଡ ଚନ୍ଦ୍ରଶେଖର ଦାସ, ଏଜେଓ ଉଚ୍ଚ ବିଦ୍ୟାଳୟ ଶିକ୍ଷକ ଯୁଧିଷ୍ଠିର ମହାନ୍ତି, ବ୍ଲକ ପ୍ରକଳ୍ପ ସଂଯୋଜକ ଦିପ୍ତିରାଣୀ ପଟ୍ଟନାୟକ, ସୁଶାନ୍ତ ଲେଙ୍କା ପ୍ରମୁଖ ଯୋଗ ଦେଇଥିଲେ।

# ସୌନ୍ଦର୍ଯ୍ୟ ହରାଉଛି ଖସଡ଼ା ଜଳପ୍ରପାତ

### ପଡ଼ିରହିଛି କୁଢ଼ କୁଢ଼ ଅଳିଆ ଆବର୍ଜନା



ପାରଳାଖେମୁଣ୍ଡି, ୨।୨ (ଗିରିଧାରୀ ପରିଛା):

ସୌନ୍ଦର୍ଯ୍ୟ ହରାଉଛି ଖସଡ଼ା ଜଳପ୍ରପାତ। ଯୁଆଡେ ଦେଖିଲେ କୁଢ଼ କୁଢ଼ ଅଳିଆ ଆବର୍ଜନା ସହ ମଦ ବୋତଲ ପଡ଼ିରହିଛି। ପର୍ଯ୍ୟଟନ ଋତୁ ଆସିଲେ ଲକ୍ଷ ଲକ୍ଷ ପର୍ଯ୍ୟଟକଙ୍କ ସୁଅ ଛୁଟେ ଗଜପତି ଜିଲାର ଖସଡ଼ା ଜଳପ୍ରପାତକୁ। ବଣ ଜଙ୍ଗଲ ଘେରା ପାହାଡ଼ ମଧ୍ୟରେ ରହିଛି ଏହି ଜଳ ପ୍ରପାତ। ଝରଣାର କୁଳୁ କୁଳୁ ଶବ୍ଦ ସମସ୍ତଙ୍କୁ ଆକର୍ଷିତ କରିଥାଏ। ଏହା ଗଜପତି ଜିଲା ମୋହନା ବ୍ଲକରେ । ଏଠାକାର ପ୍ରାକୃତିକ ଦୃଶ୍ୟ ଅତି ମନୋହର। ପ୍ରତ୍ୟକ ସ୍ଥାନ ସବୁଜ ଜଙ୍ଗଲ, ଗଛ, ଝରଣାରେ ଭରପୁର। ଏଠାରେ ଲୋକ ବୁଲିବା ସହ ବହୁ ମଜା ନିଅନ୍ତି। କିନ୍ତୁ ଏଠାରେ ସରକାରଙ୍କ ତରଫରୁ କିଛି ଉନ୍ନତି ନ ହେବା କହିଛନ୍ତି ପର୍ଯ୍ୟଟକ। ଏଠାକୁ ଯିବା ଆସିବା ପାଇଁ ରାସ୍ତା ନଥିବା ବେଳେ ଗାଡ଼ି ରଖିବା ପାଇଁ ମଧ ପାର୍କିଂ ବ୍ୟବସ୍ଥା ନାହିଁ। ଲୋକଙ୍କ ପାଇଁ ସୁଲଭ ଶୌଚାଳୟ ବ୍ୟବସ୍ଥା ମଧ କରାଯାଇନାହିଁ। ତେଣୁ ଏଥିପ୍ରତି ଜିଲା ପ୍ରଶାସନ ଧ୍ୟାନ ଦେଇ ଏହାର ବିକାଶ ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ବାଲିଗୁଡା ଚିକିତ୍ସାଳୟରେ ଡାଏଲିସିସ ସେଣ୍ଟର ଉଦ୍‌ଘାଟିତ

ବାଲିଗୁଡ଼ା, ୨।୨ (ସଞ୍ଜୟ କୁମାର ପାଣିଗ୍ରାହୀ)

ବାଲିଗୁଡା ଉପଖଣ୍ଡ ଚିକିତ୍ସାଳୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନଫରେନ୍ସ ଜରିଆରେ ଡାଇଲିସିସ ସେଣ୍ଟର ଲୋକାର୍ପଣ କରିଛନ୍ତି। ଏଥିରେ ବାଲିଗୁଡା ବିଧାୟକ ଚକ୍ରମଣୀ କହଁର, ଜିଲା ପରିଷଦ ଅଧ୍ୟକ୍ଷା ନନ୍ଦିନୀ ମଳିକ, ବାଲିଗୁଡ଼ା ଏନ୍‌ଏସି ଅଧ୍ୟକ୍ଷ ଗୋବିନ୍ଦ ଚନ୍ଦ୍ର ପ୍ରଧାନ, ବାଲିଗୁଡା ଉପଖଣ୍ଡ ଚିକିତ୍ସାଳୟର ଅଧ୍ୟକ୍ଷ ଶ୍ରବଣ ସାହୁକାରଙ୍କ ସମେତ ବାଲିଗୁଡା ମେଡିକାଲର ସ୍ୱାସ୍ଥ୍ୟକର୍ମୀ ଉପସ୍ଥିତ ଥିଲେ। ଏହି ସେଣ୍ଟରରେ ୪ଟି ବେଡରେ ପ୍ରତିଦିନ ୧୨ ଜଣ ଡାଏଲିସିସ ରୋଗୀଙ୍କୁ ସେବା ଯୋଗାଇ ଦିଆଯାଇପାରିବ।

## ସରକାରୀ ଓକିଲ ନିଯୁକ୍ତ

ଦିଗପହଣ୍ଡି, ୨।୨ (ଅଶେଷ ନାଥ ମିଶ୍ର)

ଦିଗପହଣ୍ଡି ଏକଜିକ୍ୟୁଟିଭ ମାଜିଷ୍ଟ୍ରେଟ ତଥା ତହସିଲଦାରଙ୍କ କୋର୍ଟରେ ସରକାରୀ ଓକିଲ ଏପିପି ଭାବେ ଖେମୁଣ୍ଡି ଓକିଲ ସଂଘର ସଦସ୍ୟ ମନୋରଞ୍ଜନ ପଣ୍ଡା ନିଯୁକ୍ତ ହୋଇଛନ୍ତି। ଶୁକ୍ରବାର ସେ କାର୍ଯ୍ୟରେ ଯୋଗ ଦେଇଥିବା ଜଣାପଡିଛି।

# ‘କଠିନ ପରିଶ୍ରମର ବିକଳ୍ପ ନାହିଁ’

### ମୋବାଇଲ ଗେମ୍‌ରୁ ଦୂରେଇବାକୁ ପରାମର୍ଶ

ଦାରିଙ୍ଗବାଡି, ୨।୨ (ଅରୁଣ ସାହୁ)




ମୁଖ୍ୟ ଅତିଥି ବିଧାନସଭା ଉପବାଚସ୍ପତି ସାଲୁଗା ପ୍ରଧାନଙ୍କ ସହ ଅନ୍ୟମାନେ ମଞ୍ଚାସୀନ।

‘କଠିନ ପରିଶ୍ରମର ବିକଳ୍ପ ନାହିଁ’ । ଭଲ ମଣିଷ ହୁଅ, ଭଲ ପାଠପଢ଼ ଓ ଏ-ୱାନ୍‌ରେ ଦଶମ ଶ୍ରେଣୀ ପାସ କର, ଆଉ ସ୍ମାର୍ଟ ମୋବାଇଲ ଗେମ୍ ଖେଳିବାରୁ ନିବୃତ୍ତ ରହିବାକୁ ବିଧାନସଭାର ଉପବାଚସ୍ପତି ସାଲୁଗା ପ୍ରଧାନ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ହେଉଥିବା ବାର୍ଷିକ ଉତ୍ସବ ଓ କ୍ରୀଡାର ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ପରାମର୍ଶ ଦେଇଛନ୍ତି। ସେ ଆହୁରି କହିଛନ୍ତି ଯେ ଦୀର୍ଘ ବର୍ଷ ଅତୀତରେ ଅର୍ଥାତ୍ ୩ ଦଶନ୍ଧି ପୂର୍ବରୁ ଅଞ୍ଚଳର ଛାତ୍ରୀଛାତ୍ରମାନେ ଡିବିରି ଆଲୁଅରେ ପାଠ ପଢୁଥିଲେ, ଶିକ୍ଷାର ବିକାଶ ହୋଇପାରି ନ ଥିଲା କିନ୍ତୁ ଏବେ ସ୍ମାର୍ଟ କ୍ଲାସ୍ ସହ ବିଦ୍ୟୁତ୍ ଆଲୁଅରେ ଶିକ୍ଷା ପ୍ରାପ୍ତ କରିପାରୁଛନ୍ତି । ରାଜ୍ୟ ସରକାର ସେମାନଙ୍କ ପାଠପଢା ପାଇଁ ବିଭିନ୍ନ ସୁବଧା ଯୋଗାଇଛନ୍ତି । ତେଣୁ ସମସ୍ତେ ଦଶମରେ ଏ -ୱାନରେ ଉତ୍ତୀର୍ଣ୍ଣ ହେବାକୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ଉଲିପଦର ସେବାଶ୍ରମର ପ୍ରଧାନ ଶିକ୍ଷକ ମଦନ ମୋହନ ବେହେରାଙ୍କ ସଭାପତିତ୍ୱ ଏବଂ ଉଲିପଦର ସେବାଶ୍ରମର ସହକାରୀ ଶିକ୍ଷକ ଅମିତ କୁମାର ଦୀପ ଏବଂ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସହକାରୀ ଶିକ୍ଷକ ନରେନ୍ଦ୍ର ବେହେରା ମଞ୍ଚ ପରିଚାଳନା କରିଥିବା ବେଳେ ମୁଖ୍ୟବକ୍ତା ଭାବେ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଝୁନୁରାଣୀ ପ୍ରଧାନ, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ବିଶ୍ୱଜିତ ଜାଲି, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ସନ୍ତୋଷ ପ୍ରଧାନ, ବିଜ୍ଞାନ ଶିକ୍ଷକ ଅଜୟ କୁମାର ଜେନା ପ୍ରମୁଖ ମଞ୍ଚାସୀନ ଥିଲେ। ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟର ସହକାରୀ ଶିକ୍ଷକ ଗ୍ରେସିୟସ ଦାସ ପରିଚାଳନା କରିଥିଲେ। ବିଦ୍ୟାଳୟର ଶିକ୍ଷୟତ୍ରୀଶିକ୍ଷକ ତଥା ଅନିତା ପ୍ରଧାନ, ଦୀପାଞ୍ଜଳି ମଞ୍ଜର, ଚନ୍ଦ୍ରରେଖା ପ୍ରଧାନ, ସୁରଜ ସାହୁ, ତାପସ ପ୍ରଧାନ, ଚାନ୍ଦିନୀ ସାହୁ, ରୀନାରାଣୀ ପ୍ରଧାନ, ସୁନିତା ନାୟକ, ବିଦୁଭୂଷଣ ପାତ୍ର ଉପସ୍ଥିତ ଥିଲେ।

# ଯାଜପୁର ରୋଡ୍-ଧାମରା ପ୍ରସ୍ତାବିତ ରେଳପଥକୁ ଉପେକ୍ଷା

ଯାଜପୁର,୨।୨(ହର୍ଷବର୍ଦ୍ଧନ ବେହେରା)


ଖବରଦାତା ସମ୍ମିଳନୀରେ ଯାଜପୁର ରୋଡ୍- ଧାମରା ରେଳପଥ ସଂଗ୍ରାମ ପରିଷଦ କର୍ମକର୍ତ୍ତା।

■ ବଜେଟରେ ଅନୁଦାନ ମଞ୍ଜୁର ହେଲାନି
■ ଯାଜପୁର, ଭଦ୍ରକ, କେନ୍ଦ୍ରାପଡ଼ା ଜିଲାରେ ଆନ୍ଦୋଳନ ଚେତାବନୀ
■ ୧୨ରେ ଯାଜପୁର ରୋଡ ଷ୍ଟେଶନରେ ଗଣଧାରଣା

ଲୋକସଭାରେ ଆଗତ ରେଳ ବଜେଟ ଯାଜପୁର ଜିଲା ପାଇଁ ନିରାଶଜନକ ହୋଇଛି। ଯାଜପୁର ରୋଡ୍ ରେଳଷ୍ଟେଶନ ଠାରୁ ଧାମରାକୁ ସିଧାସଳଖ ଟ୍ରେନ ସଂଯୋଗ ପାଇଁ ଦୀର୍ଘ ବର୍ଷର ଦାବି ଚଳିତ ବଜେଟରେ ପୁଣି ଉପେକ୍ଷିତ ହୋଇଛି। ଏହି ପ୍ରସ୍ତାବିତ ରେଳପଥ ନିର୍ମାଣ କରିବା ପାଇଁ କେନ୍ଦ୍ର ବଜେଟରେ ଅନୁଦାନ ମଞ୍ଜୁର ନ କରିବା ଯାଜପୁର-ଭଦ୍ରକ ଓ କେନ୍ଦ୍ରାପଡ଼ା ଜିଲାର ଅଧିବାସୀମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

ସଂଗ୍ରାମ ପରିଷଦର ଆବାହକ ସନ୍ତୋଷ ନନ୍ଦଙ୍କ ଆହ୍ୱାନକ୍ରମରେ ଏକ ଖବରଦାତା ସମ୍ମିଳନୀ ଯାଜପୁର ଠାରେ ଅନୁଷ୍ଠିତ ହୋଇଯାଇଛି। ସଂଗ୍ରାମ ପରିଷଦର ଅଧ୍ୟକ୍ଷ ତଥା ପୂର୍ବତନ ସାଂସଦ ରାମଚନ୍ଦ୍ର ଖୁଣ୍ଟିଆ ଏଥିରେ ଯୋଗଦେଇ କେନ୍ଦ୍ର ସରକାରଙ୍କ ତରଫରୁ କେନ୍ଦ୍ର ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ସହିତ ଦିଲ୍ଲୀରେ ଭେଟିବା ସମୟରେ ଦେଇଥିବା ପ୍ରତିଶ୍ରୁତି କାର୍ଯ୍ୟକାରୀ ହୋଇ ନ ଥିବାରୁ ଯାଜପୁର ରୋଡ଼-ଧାମରା ରେଳପଥ ନିର୍ମାଣ ସଂଗ୍ରାମ ପରିଷଦ ତରଫରୁ ଏହାର ଦୃଢ଼ ପ୍ରତିବାଦ ଓ ନିନ୍ଦାବାଦ କରାଯାଇଛି। ସଂଗ୍ରାମ ପରିଷଦର ସଂଯୋଜକ ପଦ୍ମାକର ଗୁରୁ ସଂସଦ ଅଧିବେଶନ ସରିବା ପୂର୍ବରୁ ଏହି ଯାଜପୁର ରୋଡ଼-ଧାମରା ରେଳପଥ ନିର୍ମାଣ ପ୍ରୋଜେକ୍ଟ ପାଇଁ ଅର୍ଥ ମଞ୍ଜୁର ନ କଲେ ୩ ଜିଲାରେ ଆନ୍ଦୋଳନ ତୀବ୍ରତର କରାଯିବ ବୋଲି ଚେତାବନୀ ଦିଆଯାଇଛି । ଆସନ୍ତା ୪ ତାରିଖ ରବିବାର ପରିଷଦ ପକ୍ଷରୁ ଭଦ୍ରକ ଜିଲାର ଆରଡ଼ି ଠାରେ ପୂର୍ବାହ୍ନ ୧୧ ଘଟିକା ସମୟରେ ପ୍ରତିବାଦ ସଭା ଅନୁଷ୍ଠିତ ହେବ। ଏହାସହ ଆସନ୍ତା ୧୨ ତାରିଖ ଯାଜପୁର ରୋଡ଼ ରେଳୱେ ଷ୍ଟେଶନ ଠାରେ ନୂତନ ରେଳପଥ ନିର୍ମାଣ, ଯାଜପୁର ରୋଡ଼ ରେଳୱେ ଡିଭିଜନ, ଯାଜପୁର ରୋଡ଼ରେ ୨ୟ ଫ୍ଲାଏ ଓଭର ବ୍ରିଜ୍, ବୈତରଣୀ ରୋଡ଼ରେ ଫ୍ଲାଇ ଓଭର ବ୍ରିଜ୍, କୋରାଇରେ ସବୱେ ଓ ଦୁଲାଖା ପାଟଣା ଷ୍ଟେଶନ ପ୍ରଭୃତି ନିର୍ମାଣ ନେଇ ଧାରଣା ଓ ବିକ୍ଷୋଭ କରାଯିବା ସହିତ ସ୍ମାରକ ପତ୍ର ଦିଆଯିବ ବୋଲି ସୂଚନା ଦିଆଯାଇଥିଲା। ଏହାବାଦ ଓଡ଼ିଶା ପାଇଁ କେନ୍ଦ୍ର ବଜେଟ୍ ସମ୍ପୂର୍ଣ୍ଣ ନୈରାଶ୍ୟଜନକ ବୋଲି ଖୁଣ୍ଟିଆ ଗଣମାଧ୍ୟମ ନିକଟରେ ପ୍ରକାଶ କରିଥିଲେ। ଏଥିରେ ପରିଷଦର ସଂଯୋଜକ ପଦ୍ମାକର ଗୁରୁ, ପରିଷଦର ସଦସ୍ୟ ଭାସ୍କର ମହାନ୍ତି, ଦୁର୍ଯ୍ୟୋଧନ ବେହେରା, ଆଲୋକ ବେହେରା, ସାଗର ପରିଡ଼ା, ବିଭୂତି ମହାପାତ୍ର, ସନ୍ତୋଷ ବେହେରା, ଅକ୍ଷୟ ଶତପଥୀ, ଅନିଲ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ବଡ଼ଚଣାରେ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ ଶୁଭାରମ୍ଭ


କାର୍ଯ୍ୟକ୍ରମରେ ବିଧାୟକ ଓ କର୍ମୀ ସାମିଲ ହୋଇଛନ୍ତି।

ଚଣ୍ଡିଖୋଲ/ବଡ଼ଚଣା,୨।୨
(ପ୍ରଦୀପ୍ତ କୁମାର ପୃଷ୍ଟି/ ଦିଲୀପ କୁମାର ମହାନ୍ତି)

ବଡ଼ଚଣା ବିଜେଡି ପକ୍ଷରୁ ଶୁକ୍ରବାର ବଡ଼ଚଣା ପଞ୍ଚାୟତରେ ଘରେଘରେ ଶଙ୍ଖ କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଛି। ବିଧାୟକ ଅମର ପ୍ରସାଦ ଶତପଥୀ ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରଥମେ ଜେମାଦେଇପୁର ଗ୍ରାମରେ ଶଙ୍ଖ ଚିହ୍ନ ପୋଷ୍ଟର ଲଗାଇବା ସହିତ ଘରଘର ପରିକ୍ରମା କରିଥିଲେ। ଏହି ସମୟରେ ସେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା କରାଯାଇଥିବା ବିଭିନ୍ନ ଯୋଜନା ସମ୍ପର୍କରେ ଲୋକଙ୍କୁ ଜଣାଇଥିଲେ। ବିଧାୟକ ପ୍ରଥମ ପର୍ଯ୍ୟାୟରେ ବଡ଼ଚଣା ପଞ୍ଚାୟତର ସମସ୍ତ ଘରେ ଶଙ୍ଖ ଚିହ୍ନ ଲଗାଇବା ସହିତ ଉନ୍ନୟନ କାର୍ଯ୍ୟର ଚିଠା ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ବଡ଼ଚଣା ବିଜେଡି ସଭାପତି ଅରବିନ୍ଦ ସାମଲ, ଛାତ୍ର ବିଜେଡି ସଭାପତି ଯଟୀନ୍ଦ୍ର ନାୟକ, ପଞ୍ଚାୟତ ସମିତି ଅଧ୍ୟକ୍ଷା ମିନତି ସେନାପତି, ଉପାଧ୍ୟକ୍ଷ ବିଭାସ ଚନ୍ଦ୍ର ନନ୍ଦ, ମିହିର ସ୍ୱାଇଁ, ସାଧାରଣ ସମ୍ପାଦକ ବିପିନ ବିହାରୀ ଜେନା, ସରପଞ୍ଚ ରାଜଲକ୍ଷ୍ମୀ ମହାନ୍ତି, ନବଦ୍ୱୀପ ନାୟକ, ସମିତିସଭ୍ୟ ମଧୁସୂଦନ ବଳ, ଜାନକୀ ପ୍ରଧାନ, କାର୍ତ୍ତିକ ପ୍ରଧାନ, ଚିତ୍ତରଞ୍ଜନ ପ୍ରଧାନ, ରବୀନ୍ଦ୍ର ଦାସ, ପ୍ରଦୀପ ମିଶ୍ର, ଜଗନ୍ନାଥ ପ୍ରଧାନ, ରଶ୍ମିରଞ୍ଜନ ବଳ, ଅନନ୍ତ ସିଂହ ଓ ସବିତା ବରାଳ ପ୍ରମୁଖ ଶତାଧିକ କର୍ମୀ ସାମିଲ ହୋଇଥିଲେ।

# ରାସ୍ତା ଉପରେ ଜଳିଗଲା ମିକ୍ସଚର ଟ୍ରକ୍

ଡେରାବିଶ,୨।୨(ବେବର୍ତ୍ତା ଅଜୟ ଦାସ)



ଡେରାବିଶ ଥାନା ଅନ୍ତର୍ଗତ ଚଣ୍ଡିଖୋଲ-ପାରାଦୀପ ୫୩ ନଂ.ଜାତୀୟ ରାଜପଥର ଲକ୍ଷ୍ମୀନାରାୟଣପୁର ଛକ ନିକଟରେ ଶୁକ୍ରବାର ସନ୍ଧ୍ୟା ୭ଟାରେ ସିମେଣ୍ଟ କଂକ୍ରିଟ୍ ବୋଝେଇ ଏକ ମିକ୍ସଚର (ମିଲର) ଟ୍ରକ ଯାଉଥିବା ବେଳେ କୌଣସି କାରଣରୁ ହଠାତ୍ ଜଳି ଉଠିଥିଲା । ନିଆଁକୁ ଦେଖି ଡ୍ରାଇଭର ତୁରନ୍ତ ଗାଡ଼ିଟିକୁ ଅଟକାଇ ପଦାକୁ ଚାଲି ଆସିଥିଲେ । ଇଞ୍ଜିନ ନିକଟରୁ ଏତେ ଜୋରରେ ନିଆଁ ବାହାରିଥିଲେ ଯେ ତାକୁ ଦେଖି ସ୍ଥାନୀୟ ଲୋକେ ଗ୍ୟାସ୍ ଟ୍ୟାଙ୍କର ଜଳିଯିବା ଭାବି ଭୟରେ ଦୌଡିଥିଲେ । ଖବର ପାଇ ଡେରାବିଶ ଅଗ୍ନିଶମ ବିଭାଗ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ କରିଥିଲେ । ରାସ୍ତା ମଝିରେ ଗାଡ଼ିଟି ଜଳିଯାଇଥିବାରୁ କିଛି ସମୟ ଧରି ଉଭୟ ପାର୍ଶ୍ୱରେ ଯାନବାହାନ ଅଟକି ରହିଥିଲା । ଡେରାବିଶ ଥାନା ଅଧିକାରୀ କିଶୋର ଚନ୍ଦ୍ର ତରାଇ, ଏସ୍ଆଇ ରମେଶ ଚନ୍ଦ୍ର ସେଠୀ ଓ ପ୍ରଦୋଷ ପଟ୍ଟନାୟକଙ୍କ ନେତୃତ୍ୱରେ ପୋଲିସ୍ ଟିମ୍ ପହଞ୍ଚି ପୋଡ଼ି ଯାଇଥିବା ଗାଡ଼ିଟିକୁ ରାସ୍ତାରୁ ହଟାଇବା ସହ ଯାନବାହାନ ଚଳାଚଳ ସ୍ୱାଭାବିକ କରାଇଥିଲେ ।

ସୂଚନାଯୋଗ୍ୟ,୫୩ ନଂ.ଜାତୀୟ ରାଜପଥ ୬ ଲେନ୍ ବିଶିଷ୍ଟ ପ୍ରଶସ୍ତୀକରଣ କାର୍ଯ୍ୟ ଆରମ୍ଭ ହୋଇଛି । ଡେରାବିଶ ବ୍ଲକ୍ ଅଧୀନସ୍ଥ ପଞ୍ଚୁପାଣ୍ଡବ ଛକ ଠାରୁ ଛତା ପେଟ୍ରୋଲପମ୍ପ ଯାଏ କାର୍ଯ୍ୟ କରୁଥିବା ପିଏସ୍‌କେ କମ୍ପାନୀ ଏହି ନିର୍ମାଣ କାର୍ଯ୍ୟ କରୁଅଛି । କମ୍ପାନୀର ଏକ ମିକ୍ସର ବୋଝେଇ ଗାଡ଼ି ଛତା ପେଟ୍ରୋଲ ପମ୍ପ ନିକଟରେ ତିଆରି ହେଉଥିବା ଏକ ପ୍ଲାଣ୍ଟକୁ ଯାଉଥିଲା । ତେବେ କୌଣସି କାରଣରୁ ଗାଡ଼ିଟିରେ ନିଆଁ ଲାଗିଥିଲା ଯାଇଥିଲା । ଗାଡ଼ିରେ ଥିବା ବ୍ୟାଟେରୀରୁ ଶର୍ଟସର୍କିଟ ଯୋଗୁ ଏଭଳି ଅଗ୍ନିକାଣ୍ଡ ଘଟି ଥାଇ ପାରେ ବୋଲି କମ୍ପାନୀର ସୁପରଭାଇଜର ବିନୟ କୁମାର କହିଛନ୍ତି ।

# ସହକାରୀ ଶିକ୍ଷକଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ

ଜଗତ୍‌ସିଂହପୁର, ୨।୨ (ପ୍ରମୋଦ କୁମାର ନାୟକ)

ରଘୁନାଥପୁର ବ୍ଲକ ଅନ୍ତର୍ଗତ ରେଢୁଆସ୍ଥିତ ବୃନ୍ଦାବନ ଚନ୍ଦ୍ର ସରକାରୀ ଉଚ୍ଚ ବିଦ୍ୟାଳୟରେ ୩/୪ ମାସ ପୂର୍ବରୁ ଅଭାବନୀୟ ଘଟଣା ଘଟିଥିଲା। ଏହି ଶିକ୍ଷାନୁଷ୍ଠାନର ସହକାରୀ ଶିକ୍ଷକ (ଟିଜିଟି) ସାରଦା ପ୍ରସନ୍ନ ରାଉତ ଜଣେ ଛାତ୍ରଙ୍କ ବାପାଙ୍କୁ ନେଇ ନାନା କଥା କହିଥିଲେ। ଏହାଦ୍ୱାରା ପିଲାଟି ମାନସିକଭାବେ ଆଘାତ ପାଇଥିଲା। ଏହି କଥା ନାବାଳକ ଜଣକ ତାଙ୍କ ମା' ବାପାଙ୍କୁ କହିବା ପରେ ପ୍ରସଙ୍ଗ ଭିନ୍ନ ମୋଡ଼ ନେଇଥିଲା। ଏପରି କି ଜିଲା ଶିକ୍ଷା ଅଧିକାରୀ (ଡିଇଓ)ଙ୍କ ନିକଟରେ ଅଭିଯୋଗ ହୋଇଥିଲା। ଅଭିଯୋଗର ପ୍ରାସଙ୍ଗିକତା ହୃଦବୋଧ କରି ଜିଲା ଶିକ୍ଷା ଅଧିକାରୀ ନିରଞ୍ଜନ ବେହେରା ଶୁକ୍ରବାର ସହକାରୀ ଶିକ୍ଷକ ରାଉତଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନେଇଛନ୍ତି। ତାଙ୍କ ଚାକିରିର ୨ଟି ଇନ୍‌କ୍ରିମେଣ୍ଟ (କ୍ରମାଗତ) ବନ୍ଦ କରିଛନ୍ତି। ଡିଇଓଙ୍କ ଏହି ନିଷ୍ପତ୍ତିକୁ ରାଜ୍ୟ ଅଭିଭାବକ ମହାସଂଘ ଉପସଭାପତି ପୂର୍ଣ୍ଣଚନ୍ଦ୍ର ମହାପାତ୍ର ସ୍ୱାଗତ କରିବା ସହ ଧନ୍ୟବାଦ ଜଣାଇଛନ୍ତି। ଏଥିସହ ସମ୍ପୃକ୍ତ ଶିକ୍ଷକଙ୍କୁ ତୁରନ୍ତ ଅନ୍ୟତ୍ର ବଦଳି ପାଇଁ ଜିଲାପାଳଙ୍କ ନିକଟରେ ଦାବି କରାଯିବ ବୋଲି ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ଯେ, ନାବାଳକଙ୍କ ବାପା ଗୋବିନ୍ଦ ଓଝା ଏହି ଶିକ୍ଷାନୁଷ୍ଠାନ ପରିସରରେ ପୋଖରୀ ଖୋଳା ସଂକ୍ରାନ୍ତରେ ସୂଚନା ମାଗିବା ପ୍ରସଙ୍ଗକୁ ନେଇ ବିବାଦ ସୃଷ୍ଟି ହୋଇଥିଲା। ଓଝାଙ୍କ ନାଁରେ ଶିକ୍ଷକ ରାଉତ ଜାତିଆଣ ଅଭିଯୋଗ ସଂକ୍ରାନ୍ତୀୟ ମାମଲା ରୁଜୁ କରିଥିଲେ। ତା 'ପରେ ଶିକ୍ଷକ ରାଉତ ଓଝାଙ୍କ ନାଁ ନେଇ ନାନା କଥା କହିବାରୁ ପିଲାଟି ନିରାଶ ହୋଇ ଯାଇଥିଲା। ଏପରିକି ତା'ର ଶିକ୍ଷା ଗ୍ରହଣରେ ବାଧା ସୃଷ୍ଟି ହୋଇଥିଲା।

# ବୃହତ୍ ବନ୍ଦର ଖେଳକୁଦ ସମାରୋହ ଉଦ୍‌ଯାପିତ



ଅତିଥିଙ୍କ ଗ୍ରହଣରେ ପାରାଦୀପର ଖେଳାଳି।

ସବୁ କ୍ଷେତ୍ରରେ ମୁମ୍ବାଇ ବନ୍ଦର ଚାମ୍ପିୟନ

ପାରାଦୀପ,୨।୨(ଶରତ ରାଉତ)

ପାରାଦୀପ ନୂଆବଜାର ଗୋପବନ୍ଧୁ ଷ୍ଟାଡିୟମରେ ଗତ ମାସ ୩୦ରୁ ଚାଲିଥିବା ସର୍ବଭାରତୀୟ ବୃହତ୍‌ବନ୍ଦର ଖେଳକୁଦ ସମାରୋହ ଶୁକ୍ରବାର ସନ୍ଧ୍ୟାରେ ଶେଷ ହୋଇଛି। ଏଥିରେ ସମସ୍ତ କ୍ରୀଡ଼ା କ୍ଷେତ୍ରରେ ମୁମ୍ବାଇ ବନ୍ଦର ଚାମ୍ପିୟନ ହୋଇଛି। ରନର୍ସଅପ ଭାବେ ପାରାଦୀପ ବନ୍ଦର ରହିଛି। ଏହି ପ୍ରତିଯୋଗିତାରେ ୧୪, ୧୬, ୧୮ ବର୍ଷରୁ କମ୍ ବିଭାଗର ଛାତ୍ରୀଛାତ୍ରମାନେ ଭାଗ ନେଇଥିଲେ। ସମୁଦାୟ ୨୫୦ ପ୍ରତିଯୋଗୀ ୧୨ଟି ଗ୍ରୁପରେ ବିଭକ୍ତ ହୋଇ ୧୩୩ ଖେଳ ଖେଳିଥିଲେ। ଉଦ୍‌ଯାପନୀ ସମାରୋହରେ ମୁଖ୍ୟ ଅତିଥିଭାବେ ବନ୍ଦର ଅଧ୍ୟକ୍ଷ ପି.ଏଲ୍. ହାରାନ୍ଧ ଯୋଗଦେଇ କୃତୀ ଦଳ ଓ ଖେଳାଳିଙ୍କୁ ପୁରସ୍କୃତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପାଧ୍ୟକ୍ଷ ନୀଳାଦ୍ରି ଦାସଗୁପ୍ତା, ୟୁ.ଆର ମୋହନରାଜୁ, ଏ.କେ.ବୋଷ, ଦୁର୍ଗାପ୍ରସାଦ ସେଠୀ, ଧର୍ମେନ୍ଦ୍ରନାଥ ସୋରି, ରଞ୍ଜନ ରଶ୍ମି ବେଉରା ପ୍ରମୁଖ ଉପସ୍ଥିତ ଥିଲେ। ବୃହତ୍‌ବନ୍ଦର ସ୍ପୋର୍ଟ୍ସ କଣ୍ଟ୍ରୋଲବୋର୍ଡ, ପାରାଦୀପ ବନ୍ଦର ସ୍ପୋର୍ଟ୍ସ କାଉନସିଲ ପକ୍ଷରୁ ମିଳିତ ଭାବେ ଏହି ଖେଳକୁଦ ସମାରୋହ ଆୟୋଜନ କରାଯାଇଥିଲା।

# ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

ଚଣ୍ଡିଖୋଲ,୨।୨(ପ୍ରଦୀପ୍ତ କୁମାର ପୃଷ୍ଟି)

ବଡ଼ଚଣା ଥାନା ଅନ୍ତର୍ଗତ ବଡ଼ଚଣା ଛକ ନିକଟରେ ଏକ ଘରୁ ଝୁଲନ୍ତା ଅବସ୍ଥାରେ ପୋଲିସ ଜଣେ ଯୁବକଙ୍କ ମୃତଦେହ ଜବତ କରିଛି। ମୃତକ ହେଲେ ନିଶାନ୍ତ କୁମାର ବେହେରା(୩୨)। ପୋଲିସ ସୂଚନା ଅନୁଯାୟୀ, କେନ୍ଦୁଝର ଜିଲା ନନ୍ଦିପଦା ଥାନା ଅଞ୍ଚଳର ନିଶାନ୍ତ ପରିବାର ସହ ବଡ଼ଚଣାରେ ଘର ଭଡ଼ା ନେଇ ରହି ଗାଡି ଚାଳକ ଭାବେ କାର୍ଯ୍ୟ କରୁଥିଲେ। ଶୁକ୍ରବାର ସକାଳ ୬ଟାରେ ସେ ଘରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ତାଙ୍କ ସ୍ତ୍ରୀ ଦେଖି ପଡ଼ିଶା ଲୋକଙ୍କୁ ଡାକିଥିଲେ। ପଡ଼ିଶା ଲୋକେ ଆସି ପୋଲିସକୁ ଖବର ଦେଇଥିଲେ। ଏ ସମ୍ପର୍କରେ ନିଶାନ୍ତଙ୍କ ବାପା ମଧୁସୂଦନ ବେହେରା ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଏକ ଅପମୃତ୍ୟୁ ମାମଲା ନଂ.୧/୨୪ ରୁଜୁ କରି ତଦନ୍ତ ଆରମ୍ଭ କରିଛି।

# ବ୍ଲକ୍ ଯୋଗାଣ ଅଫିସ୍‌ରେ ଭଙ୍ଗାରୁଜା ଘଟଣାରେ ସରପଞ୍ଚ ଗିରଫ

ପଟ୍ଟାମୁଣ୍ଡାଇ,୨।୨(କଳ୍ପତରୁ ନାୟକ)

■ କଟକ ମେଡିକାଲରୁ ଫେରୁଥିବା ବେଳେ ଉଠାଇ ନେଲା ପୋଲିସ
■ ପୋଲିସର ପାତରଅନ୍ତର ନୀତିକୁ ବିରୋଧ


ଆହତ ସରପଞ୍ଚ ଜ୍ଞାନେନ୍ଦ୍ର ଖଣ୍ଡାୟୀ

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ବ୍ଲକରେ ଯୋଗାଣ ବ୍ୟବସ୍ଥା ବିପର୍ଯ୍ୟସ୍ତ ଓ ମନମାନିକୁ ନେଇ ନୀଳକଣ୍ଠପୁର ସରପଞ୍ଚ ଜ୍ଞାନେନ୍ଦ୍ର ଖଣ୍ଡାୟୀ ବୁଧବାର ବ୍ଲକ ଅଫିସରେ ଭଙ୍ଗାରୁଜା କରିଥିଲେ । ଏହି ଘଟଣାରେ ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଉଭୟ ପକ୍ଷରୁ ଏତଲା ହେବା ପରେ ପୋଲିସ ଗୁରୁବାର ରାତିରେ ସରପଞ୍ଚଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି । ଏହାକୁ ନେଇ ଜନ ଅସନ୍ତୋଷ ପ୍ରକାଶ ପାଇଛି। ସେ କଟକ ମେଡିକାଲରୁ ଫେରୁଥିବା ବେଳେ ପରିବାରଙ୍କୁ ନ ଜଣାଇ ଜଣେ ଜନପ୍ରତିନିଧିଙ୍କୁ ପୋଲିସ ରାସ୍ତାରୁ ଉଠାଇନେଇ କୋର୍ଟ ଚାଲାଣ କରିଥିବା ସରପଞ୍ଚଙ୍କ ସ୍ତ୍ରୀ ପଟ୍ଟାମୁଣ୍ଡାଇ ଆଇଆଇସିଙ୍କ ନାମରେ ଅଭିଯୋଗ କରିଛନ୍ତି ।

ସୂଚନା ଅନୁଯାୟୀ, ପଟ୍ଟାମୁଣ୍ଡାଇ ବ୍ଲକ ନୀଳକଣ୍ଠପୁର ସରପଞ୍ଚ ଖଣ୍ଡାୟୀ ରାଶନ କାର୍ଡରୁ ବଞ୍ଚିତ ଲୋକମାନଙ୍କୁ କାର୍ଡ ଯୋଗାଇବା ଓ ରାଶନ କାର୍ଡରେ ନାମ ସଂଯୋଗ କରିବା ପାଇଁ ନିଜ ପଞ୍ଚାୟତର କେତେଜଣ ହିତାଧିକାରୀଙ୍କ ନାମ ତାଲିକା ବ୍ଲକ ଯୋଗାଣ ବିଭାଗରେ ଦାଖଲ କରିଥିଲେ । ଏ ନେଇ ସେ ବାରମ୍ବାର ଦୌଡିବା ପରେ ମଧ୍ୟ ଯୋଗାଣ ବିଭାଗର ମନମାନୀ ଯୋଗୁ ଏହି ସମସ୍ୟାର ସମାଧାନ ହୋଇ ନ ଥିଲା । ଏହାକୁ ନେଇ ବୁଧବାର ବ୍ଲକ ପରିସରରେ ସେ ହୋହାଲ୍ଲା କରିବା ସହ ଭଙ୍ଗାରୁଜା କରିଥିବା ନେଇ ବ୍ଲକ ଯୋଗାଣ ନିରୀକ୍ଷକ ମଧୁସ୍ମିତା ଜେଟି ପଟ୍ଟାମୁଣ୍ଡାଇ ଆଦର୍ଶ ଥାନାରେ ଅଭିଯୋଗ କରିଥିଲେ । ଅନ୍ୟପକ୍ଷେ ସରପଞ୍ଚ ଖଣ୍ଡାୟୀ ଯୋଗାଣ ବ୍ୟବସ୍ଥାରେ ସାଧାରଣ ଲୋକମାନଙ୍କୁ ନ୍ୟାୟ ପ୍ରଦାନ କରିବାରେ ବାରମ୍ବାର ବିଫଳ ହେବା ପରେ ସେଠାରେ ବୁଝାଶୁଝା କରିବାରୁ ଯାଇଥିଲେ । ହେଲେ ଅଫିସରଙ୍କ ସହିତ ତାଙ୍କର ପାଟିତୁଣ୍ଡ ହୋଇଥିଲା । ଏଥିରେ ଅଫିସର କେତେଜଣ କର୍ମଚାରୀ ତାଙ୍କୁ ଆକ୍ରମଣ କରିଥିଲେ । ଏଥିରେ ସେ ଆହତ ହୋଇଥିଲେ ବୋଲି ଅଭିଯୋଗ କରିଥିଲେ । ଗୁରୁବାର ସେ କଟକ ମେଡିକାଲରୁ ଚିକିତ୍ସିତ ହୋଇ ଫେରୁଥିବା ବେଳେ ପଟ୍ଟାମୁଣ୍ଡାଇ ପୋଲିସ ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବାରିମୁଳ ଜେଲ୍ ହାଜତକୁ ପଠାଯାଇଛି ।

ଅନ୍ୟପକ୍ଷରେ ସରପଞ୍ଚଙ୍କ ସ୍ତ୍ରୀ ମୋନାଲିସା ତାଙ୍କ ସ୍ୱାମୀ ଜଣେ ଜନପ୍ରତିନିଧି ହୋଇଥିବା ବେଳେ ସେ ଚିକିତ୍ସା ପାଇଁ କଟକ ଯାଇ ଫେରୁଥିଲେ। ଆମ ପରିବାରଙ୍କୁ ଅବଗତ ନ କରି ପଟ୍ଟାମୁଣ୍ଡାଇ ଆଇଆଇସି ତାଙ୍କୁ ବାଟରୁ ଗିରଫ କରି ମାନସିକ ଶାରୀରିକ ନିର୍ଯାତନା ଦେଇ ମାଡ଼ ମାରି ରାତିରେ କୋର୍ଟ ଚାଲାଣ କରିଥିଲେ, ଯାହା ଆଇନ ସଂଗତ ନୁହେଁ ବୋଲି ପଟ୍ଟାମୁଣ୍ଡାଇ ଏସ୍‌ଡିପିଓଙ୍କ ନିକଟରେ ଅଭିଯୋଗ କରିଛନ୍ତି । ଉଭୟ ପକ୍ଷ ଏତଲା ଦେଇଥିବା ବେଳେ ପୋଲିସ କାହିଁକି ପାତରଅନ୍ତର କଲା ଓ ରାତି ଅଧରେ ପରିବାରଙ୍କୁ ଅବଗତ ନ କରାଇ ତାଙ୍କୁ ଗିରଫ କରି କୋର୍ଟ ପଠାଇଲା ବୋଲି ହିମାଂଶୁ ମଲିକ, ସନ୍ତୋଷ ଧଳ, ଦୀପକ ପ୍ରଧାନ, ଅନ୍ନପୂର୍ଣ୍ଣା ପରିଡ଼ା,ରଶ୍ମୀ ଦାଶ, ଦେବପ୍ରସାଦ ଖଣ୍ଡାଇ, ଦମୟନ୍ତୀ ଗୋଛାୟତ, ସସ୍ମିତା ବାରିକ, ବାବାଜୀ ବାରିକ ପ୍ରମୁଖ କେନ୍ଦ୍ରାପଡା ଏସ୍‌ପିଙ୍କ ନିକଟରେ ଅଭିଯୋଗ କରିଛନ୍ତି ।

## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ବିଶ୍ୱଜିତ୍


@ ବିଶ୍ୱଭୂଷଣ


@ ସୁମନ୍ତ


@ ଦୁର୍ଯ୍ୟୋଧନ



@ ରଞ୍ଜନ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଭାଷା ସାହିତ୍ୟ ଏକ ସଭ୍ୟତାକୁ ବଞ୍ଚେଇ ରଖେ

## ବସୁଧା ପୁରସ୍କାର ଓ ପ୍ରବାହ ସମ୍ମାନ ସମାରୋହ


କାର୍ଯ୍ୟକ୍ରମରେ ଜଣେ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ଯାଜପୁର,୨।୨(ହର୍ଷବର୍ଦ୍ଧନ ବେହେରା)

ଓଡ଼ିଶାର ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ ପ୍ରବାହ, ବସୁଧା ଓ ସଂସ୍କୃତି ବିକାଶ ପରିଷଦର ମିଳିତ ଆନୁକୂଲ୍ୟରେ ମାର୍କଣ୍ଡପୁରଠାରେ ଏକ ଜିଲାସ୍ତରୀୟ ସାରସ୍ୱତ ସମାରୋହ, ସମ୍ବର୍ଦ୍ଧନା ସଭା, ପୁସ୍ତକ ଉନ୍ମୋଚନ ଓ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଶିଷ୍ଟ କବି ରମେଶ ପତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ କବି ଶୈଳଜ ରବି ମୁଖ୍ୟଅତିଥି ଭାବେ ଯୋଗଦେଇ ମା'ଚଣ୍ଡୀଙ୍କ ତ୍ରୈଳଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ଉଦ୍‌ଘାଟନ କରିଥିଲେ। ବିଶିଷ୍ଟ ଭାଷାତତ୍ତ୍ୱବିତ୍ ତଥା ପ୍ରାବନ୍ଧିକ ପ୍ରଫେସର ନଟବର ଶତପଥୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପ୍ରାଚୀନ ଭାଷା ଠାରୁ ଆଧୁନିକତା ଯାଏ ପରିବର୍ତ୍ତନ ଓ ବିବର୍ତ୍ତନ ହେବା ସହିତ ଭାଷା ସାହିତ୍ୟ ହିଁ ଏକ ସଭ୍ୟତାକୁ ବଞ୍ଚେଇ ରଖେ ବୋଲି କହିଥିଲେ । ଏହି ଅବସରରେ ସୃଜନ ପଥେ ସାହିତ୍ୟ ମଞ୍ଚରେ ୨୦୨୩ ମସିହା ପାଇଁ କବି ପ୍ରେମାନନ୍ଦ ଖଣ୍ଡୁଆଳ ଓ ୨୦୨୪ ପାଇଁ କବି ଅୟସକାନ୍ତଙ୍କୁ ବସୁଧା କବିତା ପୁରସ୍କାର ସ୍ୱରୂପ ମାନପତ୍ର, ଉପଢ଼ୌକନ ଓ ଦଶ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ଛନ୍ଦ କବିତା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ କବି ଗୟାଧର ପଣ୍ଡାଙ୍କୁ ପ୍ରବାହ ସମ୍ମାନ-୨୦୨୩' ଓ ସମାଜସେବା ପାଇଁ ଶିକ୍ଷାବିତ୍ ଗୋପବନ୍ଧୁ ନାୟକଙ୍କୁ ପ୍ରବାହ ସମ୍ମାନ-୨୦୨୪' ପ୍ରଦାନ କରାଯିବା ସହ ଶିକ୍ଷାବିତ୍ ବିଜୟାନନ୍ଦ ନାୟକ ଓ ଅଭିନେତ୍ରୀ ଗୀତାଞ୍ଜଳି ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବକାଶରେ କବି ରମେଶ ପତିଙ୍କ କବିତା ଗ୍ରନ୍ଥ ଓହଳ ଏବଂ କବି ଅନୀଲ କୁମାର ମହାନ୍ତିଙ୍କ ଗୀତି କବିତା ସଂକଳନ ବଉଳ ଫୁଲର ବାସ୍ନା ଉନ୍ମୋଚିତ ହୋଇଥିଲା। ଅଧ୍ୟାପକ ଗୌରାଙ୍ଗ ବାରିକ, ଅଲିଭା ଦ୍ୱିବେଦୀ ଓ ସସ୍ମିତା ବିଶ୍ୱାଳଙ୍କ ମିଳିତ ସଂଯୋଜନାରେ ପ୍ରାୟ ଅର୍ଦ୍ଧ ଶତାଧିକ କବି କବିତା ପାଠ କରିଥିଲେ। ପ୍ରଥମେ ଅନୁଷ୍ଠାନର ଉଦ୍ୟୋକ୍ତା ସତ୍ୟସୁନ୍ଦର ମହାପାତ୍ର ସ୍ୱାଗତ ଭାଷଣ, ବସୁଧାର ସଂପାଦକ ଆନନ୍ଦ ଚନ୍ଦ୍ର ଜେନା ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଶେଷରେ ମାଧବାନନ୍ଦ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ବେଗୁନିଆ ସାହି ପଥରଖଣିରେ ଚଢ଼ାଉ

ନୟାଗଡ଼/ନୂଆଗାଁ,୨।୨
(ଲୋକନାଥ ମିଶ୍ର/ଧନେଶ୍ୱର ସାହୁ)

- ଟ୍ରାକ୍ଟର ସହ ୨ ପାୱାରଟିଲର ଜବତ
- ଜବତ ଉପକରଣକୁ ଛଡାଇ ନେଇଥିଲେ ପଥର ଚୋର
- ୨ ଖଣିଚୋରଙ୍କ ନାମରେ ମାମଲା

ନୟାଗଡ଼ ଜିଲା ନୂଆଗାଁ ତହସିଲ ପକ୍ଷରୁ ପୋଲିସ ସହାୟତାରେ ଶୁକ୍ରବାର ବେଗୁନିଆସାହି ବେଆଇନ ମାଙ୍କଡା ପଥର ଖଣି ଉପରେ ଚଢ଼ାଉ କରାଯାଇ ୨ଟି ପାୱାର ଟିଲର ଓ ଗୋଟିଏ ଟ୍ରାକ୍ଟର ଜବତ କରାଯାଇଛି। ଚଢ଼ାଉକୁ ଦେଖି ପଥର ଚୋର ମାନେ ଫେରାର ହୋଇ ଯାଇଥିଲେ। ପୋଲିସ ଓ ତହସିଲ କର୍ମଚାରୀ ଟ୍ରାକ୍ଟର ଓ ପାୱାରଟିଲର ଧରି ଫେରୁଥିଲେ। ପଥର ଚୋର ପିଛା କରି ଟ୍ରାକ୍ଟରରେ ପାୱାରଟିଲର ଲୋଡ କରି ଫେରାର ହୋଇ ଯାଇଥିଲେ। ପ୍ରାୟ ୧୦କିମି ପିଛା କରିବା ପରେ ପଥର ଚୋର ଟ୍ରାକ୍ଟରକୁ ଓଲଟାଇ ପଳାଇ ଯାଇଥିଲେ। ପରେ ପୁଣି ଟ୍ରାକ୍ଟର ଓ ପାୱାରଟିଲର ଜବତ ହୋଇଛି। ଅନ୍ୟପକ୍ଷେ ୨ ଖଣିଚୋରଙ୍କ ନାଁରେ ନୟାଗଡ ସଦର ଥାନାରେ ମାମଲା ହୋଇଛି। ଏନେଇ ନୂଆଗାଁ ଅତିରିକ୍ତ ତହସିଲଦାର କବିରାଜ ସେଠୀ କୁହନ୍ତି, ପଥର ଚୋରଙ୍କର ଟ୍ରାକ୍ଟର ଓ ପାୱାରଟିଲର ଜବତ ପରେ ଖଣିଚୋର ଆମ ଠାରୁ ଟ୍ରାକ୍ଟର ଓ ପାୱାରଟିଲର ଛଡାଇ ନେଇଥିଲେ। ପୁଣି ସେମାନଙ୍କ ପିଛା କରି ୧୦ କିମି ପରେ ଜବତ କରାଯାଇଥିଲା। ନୟାଗଡ ତହସିଲ କଣ୍ଟାବଣିଆ ଗାଁର କୃପାସିନ୍ଧୁ ଜେନା ଓ ହରିପୁର ଗାଁର କାଳିଆ ପାତ୍ର ପ୍ରମୁଖ ଦୁଇ ଖଣିଚୋରଙ୍କ ନାଁରେ ନୟାଗଡ ସଦର ଥାନାରେ ମୁଁ ନିଜେ ଅଭିଯୋଗ କରିଛି। ପୁଣି ପୋଲିସକୁ ଜବତ ଟ୍ରାକ୍ଟର ଓ ୨ପାୱାରଟିଲର ହସ୍ତାନ୍ତର କରିଛୁ। ବେଆଇନ ଖଣି ଉପରେ ଅଭିଯୋଗ ମିଳିଲେ ଆମେ ଚଢ଼ାଉ କରୁଛୁ। ଶୁକ୍ରବାର ବେଗୁନିଆପଡାସାହିର ୨୯୨ ପ୍ଲଟ ଉପରେ ଚଢ଼ାଉ ହୋଇଥିଲା। ଆଗକୁ ଚଢ଼ାଉ ଜୋରଦାର ହେବ ବୋଲି କହିଛନ୍ତି।

## ଜଙ୍ଗଲରେ ୪୦ରୁ ଊର୍ଦ୍ଧ୍ୱ ବେଆଇନ ପଥରଖଣି

ନୟାଗଡ଼ ଓ ନୂଆଗାଁ ତହସିଲର ସୀମା ଅଞ୍ଚଳରେ ୪୦ରୁ ଊର୍ଦ୍ଧ୍ୱ ବେଆଇନ ମାଙ୍କଡା ଖଣି ଖନନ ପ୍ରାୟ ୬ ବର୍ଷ ହେଲା ଚାଲୁ ରହିଛି। ନୟାଗଡ଼ ତହସିଲର ସୀମାନ୍ତ ଗାଁ କ୍ରୀଦାଶପୁର ପଞ୍ଚାୟତର କୋସକା ଓ ନୂଆଗାଁ ତହସିଲ ମାଳିସାହି ପଞ୍ଚାୟତର ସୀମାନ୍ତ ଗାଁ ଢ଼ିପମାଳରେ ଏହି ବେଆଇନ ଖଣି ଖନନ ଚିନ୍ତାର କାରଣ ପାଲଟିଛି। ଦୁଇ ତହସିଲର ସୀମାନ୍ତରେ ପଥର ଚୋର ସକ୍ରିୟ ରହିଥିବାରୁ ପ୍ରତ୍ୟହ ୨୦୦ରୁ ଊର୍ଦ୍ଧ୍ୱ ଟ୍ରିପ ମାଙ୍କଡା ପଥର ଚୋରା ଚାଲାଣ ହୋଇ ଆସୁଛି। ଉଭୟ ତହସିଲର ଗାଁ ରାସ୍ତା ନଷ୍ଟ ହେବାରେ ଲାଗିଛି। ଏନେଇ ଗତ ୨୦୨୩ ଜାନୁଆରୀ ମାସରେ ଧରିତ୍ରୀରେ ଖବର ପ୍ରକାଶ ପାଇବା ଓ ନୟାଗଡ ଜିଲାପାଳଙ୍କ ନିକଟରେ ଅଭିଯୋଗ ହେବା ପରେ ପ୍ରଶାସନିକସ୍ତରରେ ତତ୍ପରତା ପ୍ରକାଶ ପାଇଥିଲା। ପରେ ଚଢ଼ାଉ ହୋଇଥିଲା। କିଛି ଦିନ ବେଆଇନ ଖଣି ଖନନ ବନ୍ଦ ରହିଥିବାବେଳେ ପରବର୍ତ୍ତୀ ପର୍ଯ୍ୟାୟରେ ପୁଣି ବେଆଇନ ଖଣି ଖନନ ଚାଲୁ ରହିଥିଲା। ଜଣେ ଗ୍ରାମବାସୀ ନାଁ ଗୋପନ ରଖି କହିଛନ୍ତି, ବେଆଇନ ଖଣି ଖନନ ନେଇ ପ୍ରତିବାଦ ଅଥବା ବିରୋଧ କଲେ ଧମକ ଚମକ ମିଳୁଛି। ପୁଣି ମାରପିଟର ଭୟ ଦେଖା ଯାଉଛି। ବିଭିନ୍ନ ସମୟରେ ଅଭିଯୋଗର ସୁଫଳ ମିଳିଲା ନାହିଁ। ତେବେ ୨୦୨୩ ଜାନୁଆରୀ ମାସରେ ତତ୍କାଳୀନ ଜିଲାପାଳଙ୍କ ବିଭିନ୍ନ ଖଣି ଉପରେ ଚଢ଼ାଉ ଦେଖି କିଛି ଲୋକ ଜିଲାପାଳଙ୍କୁ ଫେରାଦ୍ ହୋଇଥିଲେ। ଏନେଇ ଖବର ମଧ୍ୟ ଗଣମାଧ୍ୟମରେ ପ୍ରକାଶ ପାଇଥିଲା। ପରେ ଚଢ଼ାଉ ହୋଇ ଏକ ଜେସବି ଜବତ ହୋଇଥିଲା। ପରବର୍ତ୍ତୀ ପର୍ଯ୍ୟାୟରେ ଚଢ଼ାଉ ନ ହେବାରୁ ବେଆଇନ ଖଣି ଖନନ ବଢ଼ି ଚାଲଥିଲା। ଶୁକ୍ରବାରର ଚଢ଼ାଉରେ ପଥର ଚୋର ଭୟଭୀତ ହୋଇଛନ୍ତି। ତେବେ ନୂଆଗାଁ ଅଞ୍ଚଳରେ ଚଢ଼ାଉ ପରେ ଖଣି ବନ୍ଦ ରହିଥିଲା। ରାତି ୭ଟା ପରେ ପୁଣି ଖଣି ଖନନ ଆରମ୍ଭ ହୋଇଛି। ଅନ୍ୟପକ୍ଷେ ନୟାଗଡ଼ ତହସିଲ ଅଞ୍ଚଳର ଖଣି ଚାଲୁ ରହିଛି। ଚଢ଼ାଉ ଜାରି ନ ରହିଲେ ପଥର ଚୋରି ରୋକିବା ସମ୍ଭବ ନୁହେଁ। ଏହା ଦ୍ୱାରା ସରକାରଙ୍କ ରାଜସ୍ୱ ନଷ୍ଟ ହେଉଥିବାବେଳେ ପରିବେଶ ବିଗିଡି ଚାଲିଛି। ପ୍ରଶାସନ ଚଢ଼ାଉକୁ ଗୁରୁତ୍ୱ ନ ଦେଲେ ପଥର ଚୋର ସେମାନଙ୍କ କାରବାର ବନ୍ଦ କରିବେ ନାହିଁ ବୋଲି କହିଛନ୍ତି।

ସେଲ୍ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com


@ ବିଶ୍ୱଜିତ୍


@ ବିଶ୍ୱଭୂଷଣ


@ ସୁମନ୍ତ


@ ଦୁର୍ଯ୍ୟୋଧନ


@ ରଞ୍ଜନ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ରଜୀବ କ୍ରିକେଟ ଟିମ୍ ଚାମ୍ପିୟନ

## ଦଧିବାମନ ଦେବ କ୍ରିକେଟ ଟୁର୍ନାମେଣ୍ଟ ଉଦ୍ଯାପିତ

ଭାପୁର,୨।୨(ଭରତ କୁମାର ବେହେରା)

ଭାପୁର ବ୍ଲକ୍ ଶାସନ ଗ୍ରାମପଞ୍ଚାୟତ ଟିଙ୍କିରିପଡା ଖେଳପଡିଆରେ ଚାଲିଥିବା ୧୬ତମ ଦଧିବାମନ ଦେବ କ୍ରିକେଟ ଟୁର୍ନାମେଣ୍ଟ ଶୁକ୍ରବାର ଉଦଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ରଜୀବ ଟିମ୍ ବିଜୟୀ ହୋଇ ଚାମ୍ପିୟନ ହୋଇଛି। ଶନିବାର ଠାରୁ ୮ କ୍ରିକେଟ ଟିମକୁ ନେଇ ଏହି ଟୁର୍ନାମେଣ୍ଟ ଆୟୋଜିତ ହୋଇଥିଲା। ଉଦଘାଟନ ଉତ୍ସବରେ ଶାସନ ପଞ୍ଚାୟତର ସମିତିସଭ୍ୟ କାହ୍ନୁଚରଣ ପ୍ରଧାନ ଓ ସରପଞ୍ଚ ପ୍ରଫୁଲ୍ଲ କୁମାର ଗୋଛି ଅତିଥି ଭାବେ ଯୋଗଦେଇ ମ୍ୟାଚକୁ ଉଦଘାଟିତ କରିଥିଲେ। ସମସ୍ତ ଦଳକୁ ପଛରେ ପକାଇ ଫାଇନାଲରେ ରଜୀବ କ୍ରିକେଟ ଟିମ ଓ କେନ୍ଦୁପଲ୍ଲୀ କ୍ରିକେଟ ଟିମ ପହଞ୍ଚି ଥିଲେ। ଫାଇନାଲରେ କେନ୍ଦୁପଲ୍ଲୀ କ୍ରିକେଟ ଟିମ ସହିତ ରଜୀବ କ୍ରିକେଟ ଟିମ ମଧ୍ୟରେ ମୁକାବିଲା ହୋଇଥିଲା। ରଜୀବ କ୍ରିକେଟ ଟିମ ଟସ୍ ଜିତି ବ୍ୟାଟିଂ ନିଷ୍ପତ୍ତି ନେଇ ୧୯.୨ ଓଭରରେ ସମସ୍ତ ଉଇକେଟ ହରାଇ ମାତ୍ର ୧୪୦ରନ କରିଥିଲା। ଜବାବରେ କେନ୍ଦୁପଲ୍ଲୀ କ୍ରିକେଟ ଟିମ ରଜୀବ ବୋଲିଂ ସାମ୍ନା କରି ନ ପାରି ୧୭.୧ ଓଭରରେ ସମସ୍ତ ଉଇକେଟ ହରାଇ ୧୦୦ରନ କରି ରନର୍ସ ହୋଇଥିଲା। ରଜୀବ ଟିମ୍ ୪୦ରନରେ ବିଜୟୀ ହୋଇ ଚାମ୍ପିୟନ ହୋଇଥିଲା। ଚାମ୍ପିୟନ ଦଳର ଦୀପକ ବରାଡ଼ ମ୍ୟାନ ଅଫ୍ ମ୍ୟାଚ ବିବେଚିତ ହୋଇଥିବା ବେଳେ କେନ୍ଦୁପଲ୍ଲୀ ରନର୍ସ ଦଳର ତପୁ ନାୟକ ମ୍ୟାନ ଅଫ୍ ସିରିଜ ବିବେଚିତ ହୋଇଥିଲେ। ଆଜିର ଫାଇନାଲ ମ୍ୟାଚକୁ ପରିଚାଳନା କରିଥିଲେ ଦିପୁନା ମହାନ୍ତି ଓ ବିପିନ ବେହେରା। ସ୍କୋରର ସହାୟତା କରିଥିଲେ ସୁବାସ ମହାନ୍ତି ଓ ପ୍ରଭାତ ମହାନ୍ତି। ଧାରାବିବରଣୀ ପ୍ରଦାନ କରିଥିଲେ କୈଳାସ ପ୍ରଧାନ। ମୁଖ୍ୟ ଅତିଥି ଭାବେ ଭାପୁର ପଞ୍ଚାୟତ ସମିତି ଉପାଧ୍ୟକ୍ଷ ବେଣୁଧର ପ୍ରଧାନ ଓ ସମ୍ମାନିତ ଅତିଥି ଭାବେ ସାମାଜିକ କର୍ମୀ ସନ୍ତୋଷ କୁମାର ତ୍ରିପାଠୀ ଯୋଗ ଦେଇ ସମସ୍ତ ଖେଳାଳି ଓ ଆୟୋଜକମାନଙ୍କୁ ଉତ୍ସାହିତ କରିବା ସହିତ ରଜୀବ ଟିମ୍‌କୁ ଚାମ୍ପିୟନ ଟ୍ରଫି ସହିତ ନଗଦ ସାଢ଼େ ପାଞ୍ଚ ହଜାର ଟଙ୍କା ଓ କେନ୍ଦୁପଲ୍ଲୀ ଦଳକୁ ରନର୍ସ ଟ୍ରଫି ସହିତ ନଗଦ ସାଢ଼େ ତିନି ହଜାର ଟଙ୍କା ପ୍ରଦାନ କରିଥିଲେ। ଟିଙ୍କିରିପଡା ଦଧିବାବନ ଦେବ କ୍ରିକେଟ କ୍ଲବର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

# ଭାପୁର ବ୍ଲକ୍‌ରେ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ


କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥିବୃନ୍ଦ।

ଭାପୁର, ୨।୨(ଭରତ କୁମାର ବେହେରା)

ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମର ଭାପୁର ବ୍ଲକର ଭାପୁର ପଞ୍ଚାୟତରେ ପଞ୍ଚାୟତସ୍ତରୀୟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭାପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ରଣଜିତ୍ କୁମାର ମଲିକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଶିବିରରେ ଭାପୁର ପଞ୍ଚାୟତ ସମିତି ଉପାଧ୍ୟକ୍ଷ ବେଣୁଧର ପ୍ରଧାନ ଯୋଗଦେଇ ଥିବା ବେଳେ , ସମ୍ମାନିତ ଅତିଥି ଭାବେ ୧୮ ନଂ. ଜିଲା ପରିଷଦ ସଭ୍ୟ ଧର୍ମେନ୍ଦ୍ର କୁମାର ଧଳ, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସରୋଜ କୁମାର ନାୟକ, ଅତିରିକ୍ତ ଶିକ୍ଷାଧିକାରୀ ଶ୍ରୀଯୁକ୍ତ ସନ୍ତୋଷ କୁମାର କର, ସହକାରୀ ଉଦ୍ୟାନ କୃଷି ଅଧିକାରୀଣୀ ଜସ୍ମିନ ଗୁଲନାଜ, ସନ୍ତୋଷ କୁମାର ତ୍ରିପାଠୀ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ବ୍ଲକ ଉପାଧ୍ୟକ୍ଷ ପ୍ରଧାନ କହିଥିଲେ ଦୀର୍ଘ ୨୪ ବର୍ଷ ଧରି ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ବିଭିନ୍ନ ଯୋଜନା ପ୍ରଣୟନ କରିଛନ୍ତି। ଆମ ଓଡ଼ିଶା, ନବୀନ ଓଡ଼ିଶା ମାଧ୍ୟମରେ ଆଜି ଓଡ଼ିଶା ଏକ ରୂପାନ୍ତରିତ ରାଜ୍ୟ ହେବା ସହିତ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପ୍ରଚେଷ୍ଟାରେ ଗ୍ରାମାଞ୍ଚଳରେ ସମସ୍ତ ସହରୀ ସୁଖ ସୁବିଧା ଉପଲବ୍ଧ ହେବାକୁ ଯାଉଛି। ପ୍ରତି ଗ୍ରାମରେ ବ୍ୟାଙ୍କ, ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ପାନୀୟ ଜଳ, ସ୍ୱୟଂ ସହାୟକ ଗୋଷ୍ଠୀ ମାଧ୍ୟମରେ ଆର୍ଥିକ ସ୍ୱାବଲମ୍ବୀ ଭଳି ବହୁ କାର୍ଯ୍ୟକ୍ରମ ସରକାର ହାତକୁ ନେଇଛନ୍ତି ଓ ତାହାର କର୍ମକ୍ଷେତ୍ରରେ ସଫଳ ହୋଇପାରିଛି। ରାଜ୍ୟ ସରକାରଙ୍କ ପାଇଁ ଭାପୁର ପଞ୍ଚାୟତରେ ଆମ ଓଡ଼ିଶା ନବୀନ ଓଡ଼ିଶାରେ ୧୯ଟି ପ୍ରକଳ୍ପ ପାଇଁ ୫୦ଲକ୍ଷ ଟଙ୍କା, ୧୮୨୦ ପରିବାରକୁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ଅନ୍ତର୍ଭୁକ୍ତ, ୫ଟି ପ୍ରକଳ୍ପ ପାଇଁ ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା ଯୋଜନା, ୧୧୦୭ ପରିବାରକୁ କାଳିଆ ଯୋଜନାରେ ଅନ୍ତର୍ଭୁକ୍ତ, ୭୧୯ ହିତାଧିକାରୀଙ୍କୁ ସାମାଜିକ ସୁରକ୍ଷା ଭତ୍ତା, ୯୫ ଟି ମିଶନ ଶକ୍ତି ଗୋଷ୍ଠୀଙ୍କୁ ମୋଟ ୧୧୬୫ ଲକ୍ଷ ଟଙ୍କାର ବିନା ସୁଧରେ ଋଣ ପ୍ରଦାନ , ୧୮୨୦ ପରିବାରକୁ ରାଶନ କାର୍ଡ ବଣ୍ଟନ, ୩୨୭ ଗର୍ଭବତୀ ମହିଳାଙ୍କୁ ମମତା ସହାୟତା, ଭାପୁର ପଞ୍ଚାୟତରେ ଆମ ବ୍ୟାଙ୍କ ଦ୍ୱାରା ଆର୍ଥିକ ଅନ୍ତର୍ଭୁକ୍ତିକରଣ ଓ ପଞ୍ଚାୟତରେ ଖୁବଶୀଘ୍ର ଲକ୍ଷ୍ମୀବସ ସେବା ଆରମ୍ଭ ହେବ ବୋଲି ଅଭିଭାଷଣରେ କହିଥିଲେ। ଶେଷରେ ପାଲା ଓ ଦାସକାଠିଆ ମାଧ୍ୟମରେ ମଧ୍ୟ ମହିଳାମାନଙ୍କୁ ସଚେତନତା କରାଯାଇଥିଲା।

# ମୃତ ଗାଈକୁ ଧରି ଜଗନ୍ନାଥ ସେନାର ଧାରଣା

ରଣପୁର,୨।୨(ସୁକାନ୍ତ କିଶୋର ଡାକୁଆ )



ନୟାଗଡ଼ ଜିଲା ରଣପୁରରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ଜଗନ୍ନାଥ ସେନା ର କର୍ମକର୍ତ୍ତାମାନେ ମୃତ ଗାଈକୁ ଧରି ଶୁକ୍ରବାର ପ୍ରାଣୀ ଚିକିତ୍ସାଳୟ ଆଗରେ ଧାରଣାରେ ବସିରହିଥିଲେ । ଏହି ଖବର ପାଇଁ ସନ୍ଧ୍ୟାରେ ଜିଲାପ୍ରାଣୀ ମୁଖ୍ୟ ଅଧିକାରୀ ଆସି ଧାରଣା ଦେଇଥିବା ଜଗନ୍ନାଥ ସେନା ଆବାହକ ବିରଜା ମିଶ୍ର, ବରିଷ୍ଠ ଆଇନଜୀବୀ ତଥା ରଣପୁର ବାର ଆସୋସିଏଶନର ସଭାପତି ଗିରିଜାକାନ୍ତ ମହାପାତ୍ର, ଆଇନଜୀବୀ ପ୍ରିୟବ୍ରତ ପ୍ରହରାଜ, ସନ୍ତୋଷ ପ୍ରଧାନ, ସୂଚନା ଅଧିକାର କର୍ମୀ ଶାନ୍ତନୁ ସାହୁ ,ସଞ୍ଜୀବ ପ୍ରଧାନ, ସନାତନ ରଣା ପ୍ରମୁଖ ପୋଲିସ ଅଧିକାରୀଙ୍କୁ ନେଇ ଆଲୋଚନା କରିଥିଲେ । ମୁଖ୍ୟ ଅଧିକାରୀ ସମସ୍ତ ସୁବିଧା ସୁଯୋଗ, ସେବା, ଔଷଧ, ଭ୍ୟାକ୍ସିନ ଆଦି ସମସ୍ୟାର ଚାରିଦିନ ଭିତରେ ସମାଧାନ କରାଯିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ । ଏହାପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା । ରଣପୁର ଅଞ୍ଚଳରେ ଗାଈ ଗୋରୁ ସହିତ ବିଭିନ୍ନ ପଶୁମାନେ ଫାଟୁଆ ରୋଗରେ ପୀଡ଼ିତ ହୋଇ ମରୁଛନ୍ତି । ଇତିମଧ୍ୟରେ ଶତାଧିକ ଗୋରୁ ମରି ସାରିଛନ୍ତି ବୋଲି ଅଭିଯୋଗ ହୋଇଛି ।

# ବିଶ୍ୱକର୍ମା ଯୋଜନାର ସଫଳ ରୂପାୟନ ଉପରେ ଗୁରୁତ୍ୱ

## କଣ୍ଟିଲୋରେ ଭାଜପା କାର୍ଯ୍ୟଶାଳା

ଖଣ୍ଡପଡ଼ା,୨।୨(ଅଜୟ କୁମାର ମହାରଣା)- ଭାଜପା ପକ୍ଷରୁ କଣ୍ଟିଲୋ ନିକଟସ୍ଥ ମା'ନାରାୟଣୀ ପୀଠରେ ଶୁକ୍ରବାର ଆୟୋଜିତ କାର୍ଯ୍ୟଶାଳାରେ ପ୍ରଧାନମନ୍ତ୍ରୀ ବିଶ୍ୱକର୍ମା ଯୋଜନା ଓ କାର୍ଯ୍ୟାଶାଳା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଖଣ୍ଡପଡ଼ା ନିର୍ବାଚନ ମଣ୍ଡଳୀ ଅଧୀନ ୪୨ ପଞ୍ଚାୟତ ଓ ଗୋଟିଏ ଏନଏସିରୁ ୨୦୦ରୁ ଊର୍ଦ୍ଧ୍ୱ ପ୍ରତିନିଧି ଯୋଗ ଦେଇଥିଲେ। ଭାଜପା ଯୁବ ମୋର୍ଚ୍ଚା ରାଜ୍ୟ ସଭାପତି ଅଭିଳାଷ ପଣ୍ଡାଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟଶାଳାରେ ଆଗାମୀ ୨୦୨୪ ସାଧାରଣ ନିର୍ବାଚନ ପାଇଁ ଖଣ୍ଡପଡା ନିର୍ବାଚନ ମଣ୍ଡଳୀରେ ଗାଁ ଗାଁକୁ ଗାଁ ଚାଲ ଅଭିଯାନ ସଫଳ ରୂପାୟନ ହବ ସେ ସମ୍ପର୍କରେ ଆଲୋକପାତ କରିଥିଲେ। ଏହାଛଡା ବିଶ୍ୱକର୍ମା ଯୋଜନା ଦ୍ୱାରା ଲୋକେ କିପରି ଲାଭବାନ ହୋଇ ପାରିବେ ଉପସ୍ଥିତ ପ୍ରତିନିଧିମାନଙ୍କୁ ସୂଚନା ଦେଇଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ ରାଜ୍ୟ ଉପସଭାପତି ଡ.ଲେଖା ଶ୍ରୀ ସାମନ୍ତସିଂହାର ଓ ଭାଜପା ଓବିସି ମୋର୍ଚ୍ଚ ରାଜ୍ୟ ସଂଯୋଜକ ସୁରଥ ବିଶ୍ୱାଳ ଯୋଗଦେଇ ପ୍ରତିନିଧିମାନଙ୍କୁ ପ୍ରଶିକ୍ଷଣ ଦେଇଥିଲେ। ଖଣ୍ଡପଡା ନିର୍ବାଚନ ମଣ୍ଡଳୀର ବିଶ୍ୱକର୍ମା ଯୋଜନା ସଂଯୋଜକ ସନ୍ତୋଷ କୁମାର ପ୍ରଧାନ ଓ ରବିନ୍ଦ୍ର କୁମାର ମହାରଣା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସିଦ୍ଧାର୍ଥ ଶେଖର ସିଂହ, ଭାଜପା ଯୁବ ମୋର୍ଚ୍ଚା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପରମେଶ୍ୱର ମହାନ୍ତି, ନିର୍ମଳା ବିଶ୍ୱାଳ, ଶୈଳେନ୍ଦ୍ର କୁମାର ରାଉତ, ଜିତେନ୍ଦ୍ର କାଟିଆ, ପ୍ରତାପ କୁମାର ସାହୁ, ରତିକାନ୍ତ ପ୍ରଧାନ, ପ୍ରକାଶ କୁମାର ସାହୁ, ବିକାଶ କୁମାର ସାହୁ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ୨ ସ୍କୁଲ ଗାଡ଼ି ଧକ୍କା,୨୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଆହତ

ହିଞ୍ଜିଳିକାଟୁ,୨।୨(ଦ୍ୱିତୀକୃଷ୍ଣ ପଣ୍ଡା): ଗଞ୍ଜାମ ଜିଲା ହିଞ୍ଜିଳି ଥାନା ଅନ୍ତର୍ଗତ ସୋମପୁର ଛକ ନିକଟରେ ଶୁକ୍ରବାର ୨ଟି ସ୍କୁଲ ବସ୍ ମଧ୍ୟରେ ଧକ୍କା ହେବାରୁ ୨୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଆହତ ହୋଇଛନ୍ତି। ଲୋକେ ଆହତମାନଙ୍କୁ ଉଦ୍ଧାର କରି ହିଞ୍ଜିଳିକାଟୁ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେମାନଙ୍କ ମଧ୍ୟରୁ ଡି. ଶୁଭଶ୍ରୀ, କେ. ସିମ୍ରନ, ଆକାଂକ୍ଷା ସାହୁ, କେ. ପ୍ରେମ କୁମାର, ଅମରେଶ ପଟ୍ଟନାୟକ ପ୍ରମୁଖ ଚିକିତ୍ସିତ ହୋଇଛନ୍ତି। ଦୁର୍ଘଟଣା ପରେ ବସ୍‌ର ଡ୍ରାଇଭର ଓ ମାଲିକଙ୍କ ଆକ୍ରମଣରେ ଭ୍ୟାନର ଡ୍ରାଇଭର ସମରଖୋଳ ଗ୍ରାମର କାହ୍ନୁ ଚରଣ ସାହୁ ଆହତ ହୋଇଛନ୍ତି। ପୋଲିସ ଗାଡି ୨ଟିକୁ ଜବତ କରି ଘଟଣାର ତଦନ୍ତ କରୁଛି। କୁକୁଡାଖଣ୍ଡି, ସମରଖୋଳ ଓ ନିକଟସ୍ଥ ଗ୍ରାମରୁ ଛାତ୍ରୀଛାତ୍ରମାନେ ହିଞ୍ଜିଳିକାଟୁ କେନ୍ଦ୍ରୀୟ ବିଦ୍ୟାଳୟକୁ ଭ୍ୟାନ (ଓଆର୦୭ବି ୪୧୬୧) ଓ ବସ୍ (ଓଆର୦୨ବିଏମ୨୨୫୯)ରେ ଆସୁଥିଲେ। ସୋମପୁର ଛକରେ ଭ୍ୟାନ ପଛପଟେ ବସ୍ ଧକ୍କା ହେବାରୁ ଛାତ୍ରୀଛାତ୍ରମାନେ ଆହତ ହୋଇଥିଲେ। ଚିକିତ୍ସା ପରେ ସେମାନେ ଘରକୁ ଫେରିଛନ୍ତି।

# ତଦନ୍ତ ରିପୋର୍ଟ ଖୋଲିଲା ଦୁର୍ନୀତିର ଗୁମର

## ଅଡୁଆରେ ଓଡ଼ଗାଁ ଶାଖା ପରିଚାଳକ, ସୁପରଭାଇଜର

## କୁରାଳ ସୋସାଇଟିରେ ୬.୪୨ କୋଟି ଟଙ୍କା ଆତ୍ମସାତ୍ ଘଟଣା

ନୟାଗଡ଼,୨।୨(ଲୋକନାଥ ମିଶ୍ର)

ସମବାୟ ବିଭାଗର ନୟାଗଡ଼ ମଣ୍ଡଳ ଅଧୀନ କୁରାଳ ସୋସାଇଟିରେ ଆତ୍ମସାତ ହୋଇଥିବା ୬କୋଟି ୪୨ ଲକ୍ଷ ୭୧ ହଜାର ୫୬୯ ଟଙ୍କା ଆର୍ଥିକ ହେରଫେରର ଗୁମର ତଦନ୍ତ ରିପୋର୍ଟ ଖୋଲିଛି। ତଦନ୍ତ ରିପୋର୍ଟକୁ ଅନୁଧ୍ୟାନ କଲେ ନୟାଗଡ଼ ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କ ଓଡ଼ଗାଁ ଶାଖା ରେ ଦୁର୍ନୀତି ସମୟରେ ଥିବା ଶାଖା ପରିଚାଳକ ଓ ସୁପରଭାଇଜରମାନେ ଅଡୁଆରେ ପଡି ପାରନ୍ତି। ତଦନ୍ତ ରିପୋର୍ଟରେ ଶାଖା ପରିଚାଳକ ଓ ସୁପର ଭାଇଜର ସମ୍ପୃକ୍ତି ରହିଥିବା ଦର୍ଶାଯିବା ପରେ ଅନେକ କୋଟି ଟଙ୍କାର ଅନିୟମିତତା ଧିରେ ଧିରେ ପଦାକୁ ଆସୁଛି।

କୁରାଳ ସୋସାଇଟିରେ ୬.୪୨ କୋଟି ଟଙ୍କା ଆତ୍ମସାତ ଅଭିଯୋଗ ମିଳିବା ପରେ ତଦନ୍ତ ଲାଗି ରାଜ୍ୟ ସମବାୟ ନିବନ୍ଧକ ଆଦେଶନାମା ସଂଖ୍ୟା ୨୦୪୩୪,୧୯।୯।୨୦୧୯ରେ ଖୋର୍ଦ୍ଧା ସର୍କଲର ନିରୀକ୍ଷକ ବିଜୟ କୁମାର ସ୍ୱାଇଁ ଓ ଯାଜପୁର ସର୍କଲର ନିରୀକ୍ଷକ ମଣି ରଞ୍ଜନ ମିଶ୍ରଙ୍କୁ ନିୟୋଜିତ କରିଥିଲେ। ଓଡିଶା ସମବାୟ ଆଇନର ଧାରା ୬୫ ଅନୁସାରେ ୨୦୧୨-୧୩ ବର୍ଷ ଠାରୁ ୨୦୧୭-୧୮ ଆର୍ଥୀକ ବର୍ଷ ପର୍ଯ୍ୟନ୍ତ ହୋଇଥିବା ଆର୍ଥିକ କାରବାରକୁ ତନଖି କରି ତଦନ୍ତ ରିପୋର୍ଟ ଦାଖଲ କରିବାକୁ ଉଭୟ ନିରୀକ୍ଷକଙ୍କୁ ନିର୍ଦ୍ଦେଶ ଦେଇଥିଲେ। ତଦନ୍ତ ମଧ୍ୟରେ ୨୦୧୨- ୧୩ ବର୍ଷ ଠାରୁ ୨୦୧୭-୧୮ ବର୍ଷ ପର୍ଯ୍ୟନ୍ତ ସମସ୍ତ ଋଣ ଦେଣ ନେଣ, ଜମା ଆଦାୟ ଓ ଫେରସ୍ତ, ଧାନ ସଂଗ୍ରହ ଓ ଧାନ ସଂଗ୍ରହରେ ମିଳିଥିବା କମିଶନର ହିସାବ, ସମିତିର ସମସ୍ତ ଖର୍ଚ୍ଚକୁ ବିଚାରକୁ ନେବା ଲାଗି ଲିଖିତ ନିର୍ଦ୍ଦେଶ ରହିଥିଲା। ତଦନ୍ତ ଅଧିକାରୀଦ୍ୱୟ ତଦନ୍ତ କରି ସାରିବା ପରେ ୨୦୨୦ ଅକ୍ଟୋବର ୧ ତାରିଖରେ ଦୀର୍ଘ ୧୬୧ ପୃଷ୍ଠାର ତଦନ୍ତ ରିପୋର୍ଟ ଦାଖଲ କରିଥିଲେ। ପୂର୍ବତନ ସମ୍ପାଦକ କାଲୁ ଚରଣ ରାଉତ, ପୂର୍ବତନ ହିସାବ ରକ୍ଷକ କାଲୁଙ୍କ ଭାଇ ଜଗନ୍ନାଥ ରାଉତ ସିଧା ସଳଖ ଆତ୍ମସାତ୍ କରିଥିବାର ତଦନ୍ତ ରିପୋର୍ଟରେ ଦର୍ଶାଯାଇଛି। ପରବର୍ତି ପର୍ଯ୍ୟାୟରେ ତଦନ୍ତ ରିପୋର୍ଟକୁ ବିଚାରକୁ ନେଇ ସରକାରଙ୍କ ତରଫରୁ ସମିତିର ପରିଚାଳନା ଦାୟିତ୍ୱରେ ଥିବା ପୂର୍ବତନ ସମବାୟ ନିରୀକ୍ଷକ ପାଣ୍ଡୁ ଚରଣ ସାହୁ ଓ ଭାସ୍କର ଚନ୍ଦ୍ର ପାଣିଗ୍ରାହୀ, ନିର୍ବାଚିତ ତତ୍କାଳୀନ ସଭାପତି ପଞ୍ଚୁ ପ୍ରଧାନଙ୍କୁ ଦାୟି କରାଯାଇଥିଲା। ସରକାରୀ ଅଧିକାରୀ ହୁଅନ୍ତୁ ଅଥବା ନିର୍ବାଚିତ ପ୍ରତିନିଧି ହୁଅନ୍ତୁ କେହି ହେଲେ ତତ୍କାଳୀନ ସମିତିର ସମ୍ପାଦକ କାଲୁ ଚରଣ ରାଉତ ଓ ତାଙ୍କ ଭାଇ ପୂର୍ବତନ ହିସାବ ରକ୍ଷକ ଜଗନ୍ନାଥ ରାଉତଙ୍କ ସମିତିର ଟଙ୍କା ଦେଣନେଣ ଉପରେ ଦୃଷ୍ଟି ଦେଇ ନ ଥିବା ରିପୋର୍ଟରେ ରହିଛି। ସେହିଭଳି ସମିତିର ଆର୍ଥିକ ଦେଣନେଣ ଅଡିଟ୍ କରୁଥିବା ଅଡିଟର ସୁଶାନ୍ତ କୁମାର ଦାଶ ତତ୍କାଳୀନ ସମିତିର ସମ୍ପାଦକ କାଲୁ ଚରଣ ରାଉତଙ୍କୁ କାଗଜପତ୍ରରେ ଜାଲିଆତି କରିବାର ସୁଯୋଗ ଦେଇଥିବା ଜଣାପଡିଛି। କୁରାଳ ସୋସାଇଟି ନୟାଗଡ଼ ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କର ଓଡ଼ଗାଁ ଶାଖାରେ ଆର୍ଥିକ ଦେଣନେଣ କରିଥାନ୍ତି। ୨୦୧୨ରୁ ୨୦୧୮ ବର୍ଷ ମଧ୍ୟରେ ଗୌରହରି ନାୟକ, ପବିତ୍ର ମୋହନ ପ୍ରଧାନ, ସୁଦର୍ଶନ ସାହୁ ଓ ମୁରଲୀ ଧର ବରାଡ ଓଡ଼ଗାଁ ଶାଖା ପରିଚାଳକ ପଦବୀରେ ଥିଲେ। ଶାଖା ପରିଚାଳକମାନେ ମୁଖ୍ୟତଃ ଶାଖାର ଆର୍ଥିକ ଦେଣନେଣ ଦେଖୁଥିବାବେଳେ ଶାଖାରେ ଅବସ୍ଥାପିତ ବ୍ରାଞ୍ଚ ସୁପର ଭାଇଜରମାନେ ସମିତିର ଖାତା ପତ୍ର ନିୟମିତ ଯାଞ୍ଚ କରିବାର ନିୟମ ରହିଛି। ମାତ୍ର ଶାଖା ପରିଚାଳକ ଓ ସୁପର ଭାଇଜରମାନେ ସେମାନଙ୍କର କର୍ତ୍ତବ୍ୟ ଠିକ ଭାବେ କରି ନଥିବା ଦର୍ଶାଯାଇଛି। ଅଡିଟର ସୁଶାନ୍ତ କୁମାର ଦାଶଙ୍କୁ ମଧ୍ୟ ଦାୟି କରାଯାଇଛି। ସମିତିର କୌଣସି ବାର୍ଷିକ ପରିଦର୍ଶନ ବିବରଣୀ ନାହିଁ। ଅନେକ କୋଟି ଟଙ୍କା କାରବାର କରୁଥିବା ସମିତିରେ ବର୍ଷୱାରୀ ଆତ୍ମସାତ ଟଙ୍କାକୁ ଅନୁଧ୍ୟାନ କଲେ ଜଣାପଡେ ୨୦୧୩-୧୪ରେ ୧କୋଟି ୯୪ ଲକ୍ଷ ୭୫ ହଜାର ୭୧୦ ଟଙ୍କା, ୨୦୧୪-୧୫ରେ ୧କୋଟି ୩୯ ଲକ୍ଷ ୮୯ ହଜାର ୩୪୫ ଟଙ୍କା, ୨୦୧୫-୧୬ରେ ୯୭ ଲକ୍ଷ ୬୭ ହଜାର ୪୪୮ ଟଙ୍କା, ୨୦୧୬-୧୭ରେ ୧କୋଟି ୯୦ ଲକ୍ଷ ୭୨ ହଜାର ୧୯୨ ଟଙ୍କା, ୨୦୧୭-୧୮ରେ ୧୯ ଲକ୍ଷ ୬୬ ହଜାର ୮୭୪ ଟଙ୍କା ପରି ମୋଟରେ ୬କୋଟି ୪୨ ଲକ୍ଷ ୭୧ ହଜାର ୫୬୯ ଟଙ୍କା ଆତ୍ମସାତ ହୋଇଛି।

ଅଡିଟର ନିଲମ୍ବିତ, ୨ ଅଧିକାରୀଙ୍କୁ ହୋଇଛି ଚାର୍ଜଫ୍ରେମ

କୁରାଳ ସୋସାଇଟରେ ପୂର୍ବତନ ସମ୍ପାଦକ କେଲୁ ଚରଣ ରାଉତ ଆତ୍ମସାତ କରିଥିବା ୬କୋଟି ୪୨ ଲକ୍ଷ ୭୧ ହଜାର ୫୬୯ ଟଙ୍କା ଉପରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ପାଇଁ ରାଜ୍ୟ ସମବାୟ ବିଭାଗର ଅତିରିକ୍ତ ସଚିବ ରୋଜାଲିନ ସେନାପତି ସମବାୟ ନିବନ୍ଧକ(ରେଜିଷ୍ଟ୍ରାର କୋପରେଟିଭ ସୋସାଇଟ)ଭୁବନେଶ୍ୱରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପ୍ରଶାସନିକ ଅବହେଳା ଲାଗି ନୟାଗଡ ସମବାୟ ସମିତି ସମୁହର ସହାକାରୀ ନିବନ୍ଧକ(ଏଆରସିଏସ୍) କାର୍ଯ୍ୟାଳୟର ପୂର୍ବତନ ଉପ ସହକାରୀ ନିବନ୍ଧକ (ଏସଏଆରସିଏସ୍) ପାଣ୍ଡୁ ଚରଣ ସାହୁ ଓ ଭାସ୍କର ଚନ୍ଦ୍ର ପାଣିଗ୍ରାହୀ, ସମବାୟ ସମିତି ସମୂହର ଅଡିଟର(ଏସ୍ଏଏଜିସିଏସ) ସୁଶାନ୍ତ କୁମାର ଦାଶଙ୍କ ବିରୋଧରେ ଙ୍କ ବିରୋଧରେ ବିଭାଗୀୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ (ଚାର୍ଜ ଫ୍ରେମ ) ପାଇଁ ନିର୍ଦ୍ଦେଶ ହୋଇଥିଲା। ୩ ଅଧିକାରୀଙ୍କ ମଧ୍ୟରୁ ୨ଜଣଙ୍କ ନାଁରେ ଚାର୍ଜ ଫ୍ରେମ କରାଯାଇଛି। ଅଡିଟର ସୁଶାନ୍ତ କୁମାର ଦାଶଙ୍କୁ ଚାର୍ଜ ଫ୍ରେମ କରା ନ ଯାଇ ରାଜ୍ୟ ସରକାର ନିଲମ୍ବିତ କରିଛନ୍ତି। ପରବର୍ତ୍ତୀ ପର୍ଯ୍ୟାୟରେ ଅଡିଟର ଚାର୍ଜଫ୍ରେମର ସମ୍ମୁଖୀନ ହେବେ। ଏତିକିରେ ଅଟକି ରହିଛି କାର୍ଯ୍ୟାନୁଷ୍ଠାନ। ନୂଆ କରି କାର୍ଯ୍ୟରେ ଯୋଗ ଦେଇଥିବା ଉପ ନିବନ୍ଧକ ଅନନ୍ତ କୁମାର ନାୟକ ଜମାକାରୀଙ୍କ ଟଙ୍କା ପାଇବା ଓ ଦୁର୍ନୀତିରେ ନାଁ ରହିଥିବା ଅଧିକାରୀ ଓ କର୍ମଚାରୀଙ୍କ ଉପରେ କଣ କାର୍ଯ୍ୟାନୁଷ୍ଠାନ ନେଉଛନ୍ତି ସେନେଇ ଜମାକାରୀ ଚାତକ ପରି ଚାହିଁ ରହିଛନ୍ତି।

